


ଭୁବନେଶ୍ୱର, ୨୦୨୫, ଅକ୍ଟୋବର ୫

# ଆତ୍ମ କାହାଣୀ ଅନ୍ତେ ବୈଷ୍ଣବ ପାଣି

ପ୍ରତ୍ୟେକ ମହାପୁରୁଷଙ୍କ ଆତ୍ମକାହାଣୀ ସତ୍ୟ ଓ ତଥ୍ୟକୁ ନେଇ ଆଧାରିତ । ଏସବୁ ଆତ୍ମ ଲିପି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ । ଗୀତିନାଟ୍ୟ ଜଗତର ମଉଡମଣି ଗଣକବି ବୈଷ୍ଣବ ପାଣି ନିଜେ ଲେଖିଥିବା 'ପାଣି କବିଙ୍କର ଆତ୍ମକାହାଣୀ' ୧୯୫୫ ମସିହାରେ ତାଙ୍କ ନାତୁଣୀ ଜାମାତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହାୟତାରେ କଟକର ପ୍ରକାଶକ ଶ୍ରୀ ଗୋବିନ୍ଦ ସାହୁଙ୍କ ଦ୍ୱାରା ପ୍ରକାଶ ପାଇଥିଲା । ତାଙ୍କ ଆତ୍ମକାହାଣୀରେ ସେ ସେତେବେଳେ ଧର୍ମାନ୍ଧ ଓ ପ୍ରତିକ୍ରିୟାଶୀଳ ମୌଳବାଦୀ ସମାଜକୁ ଭ୍ରୂକ୍ଷେପ ନକରି ସମସ୍ତ ଗୁପ୍ତ ଓ ଅଙ୍ଗେଲିଭା କାହାଣୀକୁ ପ୍ରକାଶ କରିଥିଲେ ଯାହାକି ତତ୍କାଳୀନ ସମ୍ଭ୍ରାନ୍ତ ସାହିତ୍ୟିକ ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ମାତ୍ର ୧୯୫୫ ମସିହା ଅର୍ଥାତ୍ ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ପ୍ରକାଶ ହେବା ପରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯାହାକି ୧୯୫୬ ମସିହା ବୈଶାଖ ଅମାବାସ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କ ମୁଖରୁ ଯାହା ଶୁଣିବାକୁ ମିଳେ ତାହା ଅତି କରୁଣ ଓ ହୃଦୟ ବିଦାରକ । ବୈଷ୍ଣବ ପାଣି ବାପା-ମାଆଙ୍କ ଦ୍ୱାରା ଲୀଳା ପଣ୍ଡାଙ୍କୁ ବିବାହ କଲା ପରେ ବି ସେଇ ଗ୍ରାମର ଶ୍ରୀ ଦଧି ସେଠୀଙ୍କ କନ୍ୟା ହାରାମଣି ସହ ମିଳାମିଶାକୁ ବରଦାସ୍ତ ନକରି ଗ୍ରାମବାସୀମାନେ ଛତିଶିପାଟକ ସଭା ଡାକି ବୈଷ୍ଣବ ପାଣିଙ୍କ ଘରକୁ ବାଛନ୍ଦ କଲାପରେ ସେ ଜିଦିଖୋର ମନୋଭାବ ପୂର୍ବକ ହାରାମଣିକୁ ବରମାଳା ଦେଇ ବିବାହ କରି ବିରୂପା ନଈ କୂଳରେ ଘର କରି ରହିଲେ । ସେତେବେଳେ ବୈଷ୍ଣବ ପାଣି ନାଟ୍ୟ ଜଗତରେ ବେଶ ସୁନାମ ଅର୍ଜନ କରି ସାରିଥିଲେ ଓ ଅନେକ କଳାକାର, ବାଦ୍ୟକାର ତଥା ଯାତ୍ରା ପ୍ରେମୀଙ୍କର ତାଙ୍କ ଘରକୁ ଆତଯାତ ଥିଲା । ଏତଦବ୍ୟତୀତ ନିଜେ ହାରାମଣି ବୈଷ୍ଣବ ପାଣିଙ୍କୁ ବାଛନ୍ଦ ଜନିତ ବାଧାବିଘ୍ନକୁ ଅନୁଭବ କରାଇ ଦେଉ ନଥିଲେ । ମାତ୍ର ହାରାମଣିର ଦେହାନ୍ତ ପରେ 'ପାଣି-ହାରାମଣି' ସର୍ତ୍ତ ଅନୁସାରେ ବିରୂପା ନଦୀ କୂଳରେ ସମାଧିଟିଏ ଗଢ଼ି ବୈଷ୍ଣବ ନିଜ ପୈତୃକ ଗୃହକୁ ଚାଲି ଆସିଥିଲେ । ତାଙ୍କର ଅତିପ୍ରିୟ ଶିଷ୍ୟ ଶ୍ରୀ ଯୋଗେନ୍ଦ୍ର ମିଶ୍ର ଜାତି ଚାଲିଯିବା ଭୟରେ ପୂର୍ବଭଳି ତାଙ୍କ ଘରକୁ ଯିବା ଆସିବା ବନ୍ଦ କରିଦେଲେ । ଦିନ ଦିନ ଧରି ସେ ଖାଇବା ବିନା ଉପବାସ ରହୁଥିଲେ । ଦେହ ପାଇଁ ଔଷଧ କିଣିବାକୁ ପଇସାଟିଏ ପାଇଲେନି । ଇଚ୍ଛା ଥିଲେ ବି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରି ପାରିଲେନି । ଯେଉଁ ବୈଷ୍ଣବ ପାଣିଙ୍କୁ ଟିକେ ଦେଖିବା ପାଇଁ ଲୋକେ ଧାଡ଼ି ବାନ୍ଧୁଥିଲେ ବୈଷ୍ଣବ ପାଣି ଯାତ୍ରାକୁ ଦେଖିବା ପାଇଁ ରାତି ରାତି ଅନିଦ୍ରା ହୋଇ ରୁଣ୍ଡ ହେଉଥିଲେ । ସେ ହି ବୈଷ୍ଣବ ପାଣି କିନ୍ତୁ ସମାଜ ପାଇଁ ଅଲୋଡ଼ା ହୋଇଗଲେ । ସେ ଅଚଳ ଅବସ୍ଥାରେ ନିଜ



ନାଟ୍ୟସାରଥି ଅଭୟ କୁମାର ଦାସ

ଖଣ୍ଡିଆ କୁଡ଼ିଆ ଘରେ ପଡ଼ିରହିଲେ । ମୋ ବାପା ମା ଜନ୍ମ ଦିନରୁ ହିଁ ମୋତେ ପ୍ରଭୁ ଜଗନ୍ନାଥଙ୍କ ବଡ଼ ଛତା ତଳେ ବୈଷ୍ଣବ କରି ଦେଇଛନ୍ତି । କଥାରେ ପରା ଅଛି, ବାର ଜାତି ତେର ଗୋଲା ବୈଷ୍ଣବ ହେଲେ ସବୁ ଗଲା । ଏହାଛଡ଼ା ମଣିଷ, ଜୀବନରେ କେବଳ ଦୁଇଥର ଅଛୁଆଁ ହୋଇଥାଏ । ଥରେ ନିଜେ ଜନ୍ମ ହେଲା ବେଳେ ଆଉ ଥରେ ମରିଗଲା ବେଳେ । ମୁଁ ଲୋକମାନଙ୍କୁ ବହୁତ ଭଲ ପାଏ । ଏଇ ମାନଙ୍କ ପାଇଁ ମୁଁ କେତେ ଗୀତିନାଟ୍ୟ, ଭଜନ ଜଣାଣ, ଫାର୍ସ ଲେଖିଛି, ଗାଇଛି, ନାଚିଛି । ମୋର ଏ ଘରକୁ ପାଠାଗାର କରିବା ପାଇଁ ଶିକ୍ଷାମନ୍ତ୍ରୀ ଡ.ରାଧାନାଥ ରଥଙ୍କୁ ଚିଠି ଲେଖିଛି । ଆଜି ମୋର ଏ ଶେଷ ଅବସ୍ଥାରେ ମୋତେ କେହି ଆଡ଼ ଆଖିରେ ଚାହୁଁ ନାହାଁନ୍ତି । ସମସ୍ତେ ମୋତେ ଘୃଣା କରୁଛନ୍ତି । ମୁଁ ମଲା ପରେ ମୋତେ ବୋଧ ହୁଏ କେହ ମନେରଖିବେ ନାହିଁ । ମୋ ଗୀତିନାଟ୍ୟ, ଭଜନ, ଜଣାଣ କେହି ପଢ଼ିବେନି କି ଦେଖିବେନି !!! ଲୋକଙ୍କୁ ହସଉଥିବା ମଜଉଥିବା ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି ମହାନ କବି କାନ୍ଦି କାନ୍ଦି ନିଜ କ୍ଷୋଭ ପ୍ରକାଶ କରି ଅଚେତ ହୋଇ ପଡ଼ିଲେ । ସେ ଦିନ ମଠ ମହନ୍ତ ଓ ଯୋଗୀ ମିଶ୍ରଙ୍କ ସହାୟତାରେ ଶଗଡ଼ ଯୋଗେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଭେଷଜ ବିଭାଗରେ କିଛି ଦିନ ଚିକିତ୍ସିତ ହେଲାପରେ ୧୯୫୬ ମସିହା ମେ ମାସ ୧୦ ତାରିଖ ବୈଶାଖ ଅମାବାସ୍ୟା ଠିକ ଆଜିର ତିଥିରେ ଏହି ମହାନ ଗୀତିନାଟ୍ୟକାର, ବାଦ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଆଶୁକବି ଗଣକବି ବୈଷ୍ଣବ ପାଣିଙ୍କ ଦେହାନ୍ତ ହୋଇଥିଲା । କବି ମୁରାରୀ ମୋହନ ଜେନା, କାଳନ୍ଦୀ ପାଣିଗ୍ରାହୀ, ଗୋରାଚାନ୍ଦ ମିଶ୍ର, ନିତ୍ୟାନନ୍ଦ ମହାପାତ୍ର ଓ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସହାୟତାରେ କଟକର ଖାନନଗର ଶ୍ମଶାନ ଆପଣେଇ ନେଇଥିଲା ଏହି କାଳଜୟୀ ମହାପ ପୁରୁଷ କବି ବୈଷ୍ଣବ ପାଣିଙ୍କ ପାର୍ଥୀବ ଶରୀରକୁ ।

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# କରୁର୍ ଦଳାଚକଟାରୁ ଶିକ୍ଷା

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ଆମ ଦେଶରେ ଦଳାଚକଟା ଘଟଣା ନୂଆ ନୁହେଁ । ଏଭଳି ଘଟଣା କେବଳ ଗୁଜବରୁ ହିଁ ସୃଷ୍ଟି ହୋଇଥାଏ । ରାଜନୈତିକ ସଭା, ସମାବେଶ ହେଉ କି, ଧାର୍ମିକ ଅନୁଷ୍ଠାନ ହେଉ କିମ୍ବା ଖେଳ ପଡିଆ, ସିନେମା ହଲ, ରେଳ ଷ୍ଟେସନରେ ଦଳାଚକଟା ଘଟଣାମାନ ବାରମ୍ବାର ଘଟି ଆସୁଛି ଏବଂ ବହୁ ଜୀବନ ଯାଉଛି । ନିକଟରେ ତାମିଲନାଡୁର କରୁର୍‌ରେ ସଂଘଟିତ ଦଳାଚକଟା ଘଟଣା ହେଉଛି ଏହାର ଜ୍ୱଳନ୍ତ ଉଦାହରଣ । ଅଭିନେତାରୁ ରାଜନେତା ପାଲଟିଥିବା ତାମିଲନାଡୁର ଲୋକପ୍ରିୟ ସୁପରଷ୍ଟାର ବିଜୟଙ୍କ ଦ୍ୱାରା ପ୍ରତିଷ୍ଠିତ ନବଗଠିତ ରାଜନୈତିକ ଦଳ ତାମିଲଗା ଭେଟ୍ରୀ କାଜାଗମ (ଟିଭିକେ) ଦଳର ଏକ ସମାବଶେରେ ଦଳାଚକଟା ଘଟି ୪୧ଜଣଙ୍କର ମୃତ୍ୟୁ ଘଟିଛି ମୃତକଙ୍କ ମଧ୍ୟରେ ବହୁ ଶିଶୁ ଓ ମହିଳା ଅର୍ନ୍ତଭୁକ୍ତ ଅଛନ୍ତି । ସେହିପରି ଦଳାଚକଟା ଘଟଣାରେ ବହୁ ଗୁରୁତ୍ୱର ଆହତ ହସ୍‌ପିଟାଲରେ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ତେଣୁ ମୃତକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଉଲ୍ଲେଖଯୋଗ୍ୟ ଯେ, ଆୟୋଜକମାନେ ମାତ୍ର ୧୦ହଜାର ଲୋକଙ୍କ ସମାବେଶ ପାଇଁ ଆକଳନ କରିଥିବାବେଳେ ୩୦ହଜାରରୁ ଉର୍ଦ୍ଧ୍ୱ ଉପସ୍ଥିତ ଥିବା କୁହାଯାଏ । ମଧ୍ୟାହ୍ନରେ ବିଜୟ ସଭାକୁ ସମ୍ବୋଧିତ କରିବା ପାଇଁ ସମୟ ସ୍ଥିର ହୋଇଥିବାବେଳେ ସେ ସନ୍ଧ୍ୟା ୭ଟା ୨୦ମିନିଟରେ ଅର୍ଥାତ ସାଢେ ୭ଘଂଟା ବିଳମ୍ବରେ ଆସିଥିଲେ । ପ୍ରବଳ ଖରାରେ ସମର୍ଥକମାନେ ପିଲାଛୁଆ ଧରି ଘଂଟା ଘଂଟା ଅପେକ୍ଷା କରିଥିବାବେଳେ ସେମାନଙ୍କ ପାଇଁ ଆବଶ୍ୟକୀୟ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇନଥିଲା । ସେହିପରି ସଭା ପାଇଁ କୌଣସି ଉଚ୍ଚ ମଂଚ ମଧ୍ୟ ପ୍ରସ୍ତୁତ କରାଯାଇ ନଥିଲା । ନିଜେ ବିଜୟ ମଧ୍ୟ ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଲେଖାଏଁ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

କ୍ଷତିପୂରଣ ଘୋଷଣା କରିଛନ୍ତି । ଏହା ନିସନ୍ଦେହ ଯେ, ଉତରପ୍ରଦେଶର ହାଥରସରେ ଧାର୍ମିକ ସମାବେଶରେ ଗତବର୍ଷ ଘଟିଥିବା ଦଳାଚକଟା ଘଟଣାରୁ ରାଜ୍ୟ ପ୍ରଶାସନ କିମ୍ବା ଆୟୋଜକମାନେ କିଛି ଶିକ୍ଷା କରିପାରିନଥିବା ମନେହୁଏ । ହାଥରସରେ ଏକ ଛୋଟ ସ୍ଥାନରେ ୮୦ହଜାର ଲୋକଙ୍କ ପାଇଁ ପ୍ରବଚନ ସଭା ଆୟୋଜିତ ହୋଇଥିବାବେଳେ ଅଢେଇ ଲକ୍ଷରୁ ଅଧିକ ଲୋକ ଯୋଗ ଦେଇଥିଲେ । ପ୍ରବେଶ, ପ୍ରସ୍ଥାନ ପାଇଁ ଆବଶ୍ୟକୀୟ ପ୍ରଶସ୍ତ ବ୍ୟବସ୍ଥା ନଥିବାରୁ ଦଳାଚକଟାରେ ୧୨୧ଜଣଙ୍କର ଜୀବନ ଯାଇଥିଲା । ଧାର୍ମିକ ହେଉ ବା ରାଜନୈତିକ ସମାବେଶ ହେଉ ବୃହତ ଖୋଲା ସ୍ଥାନ ଆବଶ୍ୟକ । ଏହି ଦୁଇ ଘଟଣା ଶିକ୍ଷା ଦିଏ । ଏହା ସତ୍ୟ ଯେ, ବିଜୟ ର୍ୟାଲିରେ ପ୍ରବଳ ଜନଗହଳି ହେବା ଗତ ମାସ ୧୩ତାରିଖରେ ଆୟୋଜିତ ହୋଇଥିବା ପ୍ରଥମ ସମାବେଶ ସଂକେତ ଦେଇଥିଲା । କିନ୍ତୁ ଏଥିପ୍ରତି ବିଜୟ କିମ୍ବା ଆୟୋଜକ ଏବଂ ପ୍ରଶାସକ ଧ୍ୟାନ ଦେବାରୁ ୪୧ଜଣଙ୍କ ଜୀବନ ହାନୀ ଘଟିଛି ବୋଲି କୁହାଯାଇପାରେ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ଗୁରୁ-ନିର୍ବାଚନ

ୟୁନେସ୍କୋ ଓ ଏଜୁକେସନ ଇଂଟରନେସନାଲ ଆନୁକୂଲ୍ୟରେ ୧୯୯୪ରୁ ପ୍ରତି ବର୍ଷ ଅକ୍ଟୋବର ୫ରେ ବିଶ୍ୱ ସ୍ତରରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶିକ୍ଷକ ଦିବସ । ଭବିଷ୍ୟତର ପିଢ଼ିକୁ ଗଢ଼ିବାରେ ଶିକ୍ଷକ ସମାଜର ଅବଦାନକୁ କେହି ଅସ୍ୱୀକାର କରିପାରିବେନାହିଁ । ତେଣୁ ଶିକ୍ଷକ ମାନଙ୍କ ସମ୍ମାନର୍ଥେ ଶହେରୁ ଅଧିକ ଦେଶରେ ଏହି ଦିବସ ପାଳନ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଏଜୁକେସନ ଇ[ରନେସନାଲର ସଦସ୍ୟ ସଂସ୍ଥା ସଂଖ୍ୟା ୪୦୧ । ଶିକ୍ଷା ବ୍ୟବସ୍ଥାର ବିକାଶ ଲାଗି ଏହି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଛନ୍ତି ।

ଶିକ୍ଷା ପରମ୍ପରାରେ ଅତିବ ଗୁରୁତ୍ୱପୂର୍ଣ୍ଣ ଭାବେ ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ । ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି – ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା ? ସେ ପ୍ରବୃତି ଅଭିଭୂତିର ଉର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା ? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା ? ଯିଏ ପ୍ରକତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୁରାବସ୍ଥା ଆଉ କ'ଣ କିଛି ହୋଇପାରେ ?

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ – ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ ? ଦ୍ୱିତୀୟତଃ ଦେଖିବାକୁ ହୁଏ – ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା – ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ – କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି ।

ପ୍ରବୃତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଭିନ୍ନ ହୋଇ ଉଠେ । ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୂତି ଓ କ୍ଷମତା । ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ । ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ୍ୟ ସିଏ । ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତାବହ ହେଲେ ଅବତାର । ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟକୁ କହି ଦେବା ଉଚିତ୍ – ମୁଁ ଯାହା ଜାଣେ ତାହା ତୁମକୁ କହିଲି । କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତମଙ୍କର ସନ୍ଧାନରେ ରୁହ । ତାଙ୍କୁ ପାଇଲେ କୌଣସି ପ୍ରକାରେ ହିଁ ଛାଡ଼ ନାହିଁ । ସେହିଭଳି କାହାକୁ ପାଇଲେ ମୋତେ ମଧ୍ୟ ଜଣାଅ । ମୁଁ ମଧ୍ୟ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି ।

*ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ସୁଖର ସନ୍ଧାନେ

ମଣିଷ ସୁଖୀ ହେବାକୁ ଚାହେଁ କିନ୍ତୁ ସବୁ କ୍ଷେତ୍ରରେ ସବୁ ଦୃଷ୍ଟିରୁ ସର୍ବତୋଭାବେ ସୁଖୀ ହୋଇପାରେ ନାହିଁ । ମଣିଷ ଯାହା ଚାହୁଁଛ ତାହା ହାସଲ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଛି । ତେବେ ସୁଖୀ ହୋଇପାରିବ ନାହିଁ କାହିଁକି ? କ'ଣ ତ ଚାହିଁବାଟା ଦୁର୍ବଳ ଚାହିଁବା ବା ବାରମ୍ବାର ବିଫଳ ହୋଇସାରିବା ପରେ ତା'ର ମନବଳ ଭାଙ୍ଗି ଯାଉଛି । ବିଫଳ ହେବା ମଧ୍ୟ ଗୋଟିଏ ଭଲ ଶିକ୍ଷା । ସେ ଜାଣିପାରୁଥିବ ଯେ ସୁଖୀ ହେବା ତା'ହାତ ମୁଠାରେ ନାହିଁ । ଏବେ ଅନ୍ତତଃ ପକ୍ଷେ ସେ ଅନୁସନ୍ଧାନକୁ ଯେ ବିଫଳତାର କାରଣ କ'ଣ ? ଏ ସମୟର ସର୍ବୋଚ୍ଚ ଜ୍ଞାନ ସମ୍ପନ୍ନ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କର ଉତର ପୁରାପୁରି ଠିକ୍ ଭଳି ମନେହୁଏ । ତାଙ୍କ ଶିକ୍ଷାକୁ କାମରେ ଲଗାଇଲେ ତାହା କେତେ ପ୍ରଭାବଶାଳୀ ଆମେ ଉପଲବ୍ଧି କରିପାରିବା । ମଣିଷ ଭାବିଥାଏ ସେ ଯାହା ଚାହିଁଛି ତାହା ପାଇଗଲେ ସେ ଖୁସି ହେବ । ସେ କିଛି ପାଏ ନାହିଁ ବୋଲି କହି ହେବନାହିଁ । ଆମର ଇଚ୍ଛା କିଛି ହେଲେ ପୂରଣ ହୋଇନାହିଁ ବୋଲି ଆମେ କେବେ କହିପାରିବା ନାହିଁ । ନିଶ୍ଚିତ ଭାବେ କିଛି ଇଚ୍ଛା ପୂରଣା ହୋଇଛି । ତଥାପି ଜଣେ ନିଜକୁ ସୁଖି ବୋଲି ଘୋଷଣା କରିପାରେ ନାହିଁ । କାରଣ କିଛି ଇଚ୍ଛା ପୂରଣ ହୋଇଗଲା ମାତ୍ରେ ଖୁସିରେ ଆଉ ସେତିକି ଇଚ୍ଛା ପୂରଣ ହେବା ଆଶାରେ ତିଆରି ହୋଇଯାଆନ୍ତି ।

ମଣିଷ ଯାହା ସବୁ ଇଚ୍ଛା ସେଗୁଡ଼ିକ ଶାଶ୍ୱତ ବସ୍ତୁ ବା ପଦାର୍ଥ ନୁହେଁ । ତାହା କିପରି ଆମକୁ ଶାଶ୍ୱତ ସୁଖ ଦେଇପାରନ୍ତା ? ତେଣୁ ସେଗୁଡ଼ିକ ମିଳିଗଲେ ମଧ୍ୟ କ୍ଷଣିକ ସୁଖ ପ୍ରଦାନ କରି ଅତିଶୀଘ୍ର ନିଜର ସାମାନ୍ୟ ସାମର୍ଥ୍ୟର ପରିଚୟ ପ୍ରଦାନ କରି ଉଭେଇଯାଆନ୍ତି । ମଣିଷକୁ ପୁନଶ୍ଚ ଅସୁଖି କରି ଦିଅନ୍ତି । ମଣିଷ ଏହା ଉପଲବ୍ଧି କରେ ଏବଂ କୌଣସି ଦୀର୍ଘସ୍ଥାୟୀ ସୁଖପ୍ରଦାନ କଲାଭଳି ବସ୍ତୁ ବା ପଦାର୍ଥ ଆଶାରେ ଜୀବନ ବିତାଏ । କିଛି ଦିନ ପରେ ସେ ଅନୁଭବ କରେ ଯେ ଦୀର୍ଘସ୍ଥାୟୀ ସୁଖଟା, ଚିରସ୍ଥାୟୀ । ସେତେବେଳେ ସେ ଭାବେ ଚିରସ୍ଥାୟୀ ବସ୍ତୁ ହିଁ ଚିରସ୍ଥାୟୀ ସୁଖ ପ୍ରଦାନ କରିପାରେ । ଧୀରେ ଧୀରେ ତାହାର ଜ୍ଞାନ ଉଦୟ ହୁଏ ଏବଂ ସେ ବୁଝିପାରେ ଯେ ସଂସାରରେ ଦେଖାଯାଉଥିବା କୌଣସି ପଦାର୍ଥ ଚିରସ୍ଥାୟୀ ସୁଖ ଦେଇପାରନ୍ତି ନାହିଁ କାରଣ ସେଗୁଡ଼ିକ ନିଜେ ଚିରସ୍ଥାୟୀ ନୁହନ୍ତି । ଏହିଭଳି ଅନୁସନ୍ଧାନ କରୁ କରୁ ସେ ଜାଣିପାରେ ସେ ସ୍ଥାୟୀ ସୁଖ ଖୋଜିବା ଏକ ବ୍ୟର୍ଥ ପ୍ରୟାସ ।

କିନ୍ତୁ କେତେକ ଉଚ୍ଚତର ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଅଛନ୍ତି ଯେଉଁମାନେ କହନ୍ତି, ନା, ନା ଏଥିରେ ହତାଶ ହେବାର ନାହିଁ । ଚିରସ୍ଥାୟୀ ସୁଖ ମିଳିବାର ଉପାୟ ଅଛି । ତାହାକୁ ଆପଣାଇଲେ ସୁଖ ସମ୍ଭବ । ଗୀତାଜ୍ଞାନ ଅନୁସାରେ 'ଅନିତ୍ୟଂ ଅସୁଖଂ ଲୋକେ ମେମ୍ ପ୍ରାପ୍ୟ ଭଜସ୍ୱ ମାସ୍' । ଅର୍ଥାତ୍ ଏ ସଂସାରଟା ଅନିତ୍ୟ ଓ ଅସୁଖପୂର୍ଣ୍ଣ, ଯଦି ସୁଖ ଚାହୁଁଛ ଭଗବାନଙ୍କୁ ଭଜ ବା ଖୋଜ । କାରଣ ଏଠାରେ ନିତ୍ୟ ବା ଚିରସ୍ଥାୟୀ ବସ୍ତୁ ଏକମାତ୍ର ଭଗବାନ । ଭଗବାନଙ୍କୁ ଖୋଜାଯାଏ ନିରବତା ମାଧ୍ୟମରେ । ନିରବପର ଗଭୀରତମ ପ୍ରଦେଶରେ ଭଗବାନଙ୍କ କଣ୍ଠସ୍ୱର ଶୁଣାଯାଇଥାଏ । ତାଙ୍କ ନିର୍ଦ୍ଦେଶ ମିଳିଥାଏ । ସେ ଯେହେତୁ ସମସ୍ତ ସୁଖର ଗନ୍ତାଘର ତାଙ୍କୁ ଜୀବନର କେନ୍ଦ୍ର କରିପାରିଲେ ପ୍ରକୃତ ସୁଖ, ଶାଶ୍ୱତ ସୁଖ ଓଝ ଜନ୍ମଜନ୍ମାନ୍ତରର ସୁଖ ପ୍ରାପ୍ତ ହେବାର ଆଶା ସୃଷ୍ଟି ନିଶ୍ଚିତ ହୋଇଯାଏ ।

ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି, କାମନାବାସନା ହିଁ ଦୁଃଖର କାରଣ । ସେଗୁଡ଼ିକୁ କମାଇ ପାରିଲେ ଦୁଃଖ ହ୍ରାସ ପାଇବ ଓ ସୁଖାନୁଭୂତି ଲାଭ ହେବ । ମଣିଷର ଯାହା ଆବଶ୍ୟକତା ତାହା ପୂରଣ ହେବ ଦରକାର ସେଥିପାଇଁ ଚେଷ୍ଟା କରିବା ଦରକାର । କିନ୍ତୁ କାମନାବାସନା ଜନିତ ବା ଲୋଭର ବଶବ[]ୀ ହୋଇ ମଣିଷ ଯାହାସବୁ କରିବସେ ତାହାର ଫଳ ସମସ୍ତଙ୍କୁ ଜଣା ତାହା ସବୁ ସୁଖ ନିର୍ବାପକ ବ୍ୟବସ୍ଥା । ଭଗବାନ ବାବାଙ୍କ ଅନ୍ୟତମ ଶିକ୍ଷା ହେଉଛି 'ଅନ୍ୟକୁ ସୁଖ ଦେଇପାରିଲେ ମଣିଷ ନିଜେ ସୁଖ ପାଇପାରିବ । ଏହା ପୁରାପୁରି ଠିକ୍ କଥା । ଆମ ଶାସ୍ତ୍ରମାନେ କହିଛନ୍ତି ଯାହା ଦେଇଥିବ ତାହାହିଁ ପାଇବ । ଅନ୍ୟ ଅର୍ଥରେ ଆମର ଯାହା ଦରକାର ତାହା ଅନ୍ୟକୁ ଦେଲେ ଆମେ ପାଇଥାଉ । ଯଦି ସୁଖ ପାଇବାର ଆମର ଲକ୍ଷ୍ୟ ତେବେ ଅନ୍ୟକୁ ସୁଖ ଦେବା ହିଁ ଏକ ନିଶ୍ଚିତ ମାର୍ଗ । ଦେବାକୁ ହେବ ସବୁକଥା ଆମ ଶକ୍ତି ବା କ୍ଷମତା ଭିତରେ ରହିବା ଉଚିତ । ଅନ୍ୟଜଣେ ସୁଖି ହେବାକୁ ଯଦି ଲକ୍ଷ ଲକ୍ଷ ଟଙ୍କା ମାଗୁଥାଏ, କେତେଜଣ ତାହା କରିପାରିବେ ? ବାବାଙ୍କ ଭାଷାରେ ପରୋପକାର ମାଧ୍ୟମରେ ଜଣେ ସୁଖି ହୋଇପାରେ । ପରର ଆତ୍ମା ସନ୍ତୁଷ୍ଟ ହେଲେ ପରମାତ୍ମା ସନ୍ତୁଷ୍ଟ । ସେଥିପାଇଁ ଦରକାର ସନ୍ତୁଷ୍ଟ ବ୍ୟବହାର ଓ ମୂଲ୍ୟବାନ ପରାମର୍ଶ । ଅସହାୟ ବ୍ୟକ୍ତି ଲୋଡୁଥିବା ସେବା ସହାୟତା ପରର ଆତ୍ମାକୁ ତୃପ୍ତି ଦେଇଥାଏ । ଏହି କର୍ମରେ ନିୟୋଜିତ ହେବାକୁ ହେଲେ ସେବାକୁ ସାମାନ୍ୟ ଅଧିକ ନିଃସ୍ୱାର୍ଥପର ହେବାକୁ ପଡ଼ିଥାଏ । ନିଜ ସୁଖ କମାଇ ଅନ୍ୟର ସୁଖପାଇଁ ବ୍ୟବସ୍ଥା କରିବାରେ ପ୍ରକୃତ ସୁଖ ନିହିତ । ମହାପୁରୁଷମାନେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଜୀବନ ଯାପନ କରନ୍ତି ଏବଂ ତାଙ୍କ ସମ୍ବଳ ଉପଯୋଗ କରି ଦରିଦ୍ର ଅସହାୟ ମାନଙ୍କ ସେବା କରି ସୁଖ ଓ ଆନନ୍ଦ ପାଇଥାନ୍ତି ।



ଇଂ.ସଚ୍ଚିଦାନନ୍ଦ ନନ୍ଦ

ଅନ୍ୟ ଏକ ମାର୍ଗ ଅଛି ଅବଶ୍ୟ ସଦାସର୍ବଦା ସନ୍ତୁଷ୍ଟ ରହିବାରେ ସୁଖ ଥାଏ । ଯାହାକୁ ଯାହା ମିଳିଛି ସେଥିରେ ଅସନ୍ତୁଷ୍ଟ ନ ହୋଇ ନିଜ କର୍ମକୁ ଦୋଷାରୋପ ନକରି, ଅନ୍ୟମାନଙ୍କ ସୌଭାଗ୍ୟ ସହ ନିଜ ଅବସ୍ଥାକୁ ତୁଳନା ନକରି, ଯାହା ମିଳିଛି ତାହାକୁ ଭଗବାନଙ୍କ ଉପହାର ମନେକରି ଯିଏ ସନ୍ତୁଷ୍ଟ ରହିପାରେ ସେ ସୁଖି ହୁଏ । ଅବଶ୍ୟ ଯାହା ମିଳିଛି ସେଥିରେ ସନ୍ତୁଷ୍ଟ ହୋଇ କୌଣସି ପରିଶ୍ରମ ନକରିବା, ଆଳସ୍ୟରେ ଜୀବନ ବିତାଇବା ଦ୍ୱାରା ଭଗବାନଙ୍କ ମୂଳ ଉପହାରକୁ ବ*ାଇ ପାରିବାନାହିଁ । କର୍ମକୁ ହେଳା କରିବା, କର୍ମର ମହତ୍ୱ ନ ବୁଝିବା, ଜୀବନ ଓ କର୍ମ ମଧ୍ୟରେ ଥିବା ସମ୍ପର୍କକୁ ମର୍ଯ୍ୟାଦା ନଦେବା ଠିକ୍ ନୁହେଁ । ସୁଖ ପାଇବା ଦିଗରେ ଇନ୍ଦ୍ରିୟ ସଂଯମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୈତିକ ଜୀବନ ବିନା ସୁଖ ସୁଦୂର ପରାହତ ହୋଇଯିବ । ଭଗବାନ ଶ୍ରୀସତ୍ୟସାଇ ବାବା କହନ୍ତି କୌଣସି ପଦାର୍ଥର ଅପଚୟ ମଣିଷକୁ ସୁଖ ଦେଇପାରିବ ନାହିଁ । ତେଣୁ କିଛି ବି ଅପଚୟ କରନାହିଁ । ବିଶେଷକରି, ଖାଦ୍ୟ, ଧନ, ସମୟ ଓ ଶକ୍ତି କେବେହେଲେ ନଷ୍ଟ ହେବା ଉଚିତ ନୁହେଁ । ବର୍ତମାନ ସୁଖରେ ଥିବା ବ୍ୟକ୍ତି ଯଦି ଏଗୁଡ଼ିକର ଅପଚୟ କରେ ତେବେ ସେ ଅବିଳମ୍ବେ ଅସୁଖି ହୋଇଯିବ । ଏହାର ସଦ୍‌ବ୍ୟବହାରରେ ହିଁ ସୁଖ ଏଗୁଡ଼ିକ ନଷ୍ଟ ହେବା ଅର୍ଥ ନିଜର ସୁଖ ନଷ୍ଟ ହେବା ।

ସୁଖର ସଂଜ୍ଞା ଦେବାକୁ ଯାଇ ଭଗବାନ ବାବା କହନ୍ତି 'ଭଗବାନଙ୍କ ସହ ସଂଯୁକ୍ତ ହେବା ହିଁ ସୁଖ' । ଏହା ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ, ସାଧକ ମାନଙ୍କ ପକ୍ଷେ ବି କଷ୍ଟକର । ତଥାପି ସଫଳତାର ଆଶା ଅଛି । ଭଗବାନଙ୍କ ସହ ସଂଯୁକ୍ତ ହେବାର ମାର୍ଗରେ ଚାଲିଲେ ଯଥେଷ୍ଟ, ପରିଶେଷରେ ତାହା ଆମକୁ ନେଇ ଗନ୍ତବ୍ୟ ଲକ୍ଷରେ ପହ*ାଇ ଦେବ । ସେ ମାର୍ଗରେ ଥିବା ବିଭିନ୍ନ ସୋପାନ ଗୁଡ଼ିକ ନବଧାଭକ୍ତି । ମୁଖ୍ୟତଃ ଭଜନ, କୀର୍ତନ, ଦାସ୍ୟଭାବ, ସେବକ ଭାବେ ଜୀବନ ଯାପନକରୁ କରୁ ସାଧାରଣ ବ୍ୟକ୍ତି ସାଧକ ପାଲଟି ଯିବ ଓ ସାଧକ ମୁମୁକ୍ଷୁ ଓ ମୁମୁକ୍ଷୁ ଜୀବନର ଲକ୍ଷ ସୁଖଶାନ୍ତି ପ୍ରାପ୍ତି ହୋଇପାରିବ ।

*ସଂପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ',*
*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ଲକ୍ଷ୍ମୀଙ୍କର ଆଠ ସ୍ୱରୂପ

**ତୁଷାର ରଞ୍ଜନ ସାହୁ**

ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ । ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ୧୬ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି – ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି – ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ ।

ଆଦି ଲକ୍ଷ୍ମୀ : ଆଦି ଲକ୍ଷ୍ମୀ ଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ । ସେ ମହର୍ଷି ଭୃଗୁଙ୍କ ଝିଅ ଓ ପ୍ରଭୁ ନାରାୟଣଙ୍କ ପତ୍ନୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ନାରାୟଣଙ୍କ ସହ ବୈକୁଣ୍ଠରେ ରୁହନ୍ତି । ସେ ନାରାୟଣଙ୍କ ତାଙ୍କୁ ଆଦର କରିବା ଦର୍ଶାଏ ଏ ଜଗତ ତାଙ୍କର ସେବାରେ ତତ୍ପର । ଆଦିଲକ୍ଷ୍ମୀଙ୍କର ଚାରୋଟି ହାତ । ଗୋଟିଏ ହାତରେ ପଦ୍ମପୁଷ୍ପ ଓ ଅନ୍ୟ ହାତରେ ପତାକା ଧରିଥାନ୍ତି । ଗୋଟିଏ ହାତ ଅଭୟ ମୁଦ୍ରାରେ ଥିବାବେଳେ ଅନ୍ୟ ହାତ ବରଦ ମୁଦ୍ରାରେ ଥାଏ । ତାଙ୍କୁ ଆନନ୍ଦ ପ୍ରଦାନକାରିଣୀ ରମା ବୋଲି କୁହାଯାଏ । ତାଙ୍କର ଅନ୍ୟନାମ ଇନ୍ଦିରା । ପଦ୍ମକୁ ହୃଦୟ ସହ ସଂଯୁକ୍ତ କରିଥିବାରୁ ସେ ଶୁଦ୍ଧତାର ପ୍ରତୀକ । ଅଷ୍ଟଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀ । ତାଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ ।

ସୁମାନସା ବନ୍ଦିତା, ସୁନ୍ଦରୀ, ମେଧାବୀ ଚନ୍ଦ୍ରସହୋଦରୀ, ହେମମୟେ, ମୁନିଗଣବନ୍ଦିତା, ମୋକ୍ଷ ପ୍ରଦାୟିନୀ ମଞ୍ଜୁଳା ଭାଷିନୀ, ବେଦମାତେ ପଙ୍କଜବାସିନୀ, ଦେବସୁପୁଜିତା, ସାଧୁଗୁଣବର୍ଷିଣି, ଶାନ୍ତିଯୁତେ ଜୟ ଜୟ ହେ, ମଧୁସୂଦନ କାମିନୀ ଆଦିଲକ୍ଷ୍ମୀ, ଜୟ, ପାଳୟମାମ୍ ।

ଧନଲକ୍ଷ୍ମୀ : ଧନ ଅର୍ଥ ସୁନା ବା ଅର୍ଥ ଭାବରେ ବୈଭବ । ଆଧାତ୍ମିକ ଅର୍ଥରେ ଏହା ବଳ, ଇଚ୍ଛାଶକ୍ତି, ପ୍ରତିଭା, ବୀରତ୍ୱ ଓ ଚରିତ୍ରକୁ ବୁଝାଏ । ଧନଲକ୍ଷ୍ମୀ ମନୁଷ୍ୟ ଜଗତର ଏହି କ୍ଷେତ୍ରକୁ ପ୍ରତିନିଧିତ୍ୱ କରନ୍ତି । ତାଙ୍କର ଦୟାରେ ଆମେ ଆବଶ୍ୟକ ପରିମାଣର ଧନ ଓ ସମୃଦ୍ଧି ପାଇପାରିବା । ଏହି ଲକ୍ଷ୍ମୀ ସ୍ୱରୂପାଙ୍କର ୬ଟି ହସ୍ତ ଅଛି । ସେ ଲାଲ ଶାଢ଼ି ପରିଧାନ କରନ୍ତି । ପା[]ଟି ହାତରେ ଯଥାକ୍ରମେ ଚକ୍ର, ଶଙ୍ଖ, ପବିତ୍ର କଳସ, ଧନୁତୀର ଓ ପଦ୍ମ ଧାରଣ କରିଥାନ୍ତି । ଅଭୟ ମୁଦ୍ରାରେ ଥିବା ଷଷ୍ଠ ହସ୍ତରୁ ସ୍ୱର୍ଣ୍ଣମୁଦ୍ରା ଝୁଲୁଥାଏ । ଧନଲକ୍ଷ୍ମୀଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ । ଦିମିଧିମ ଧିମ୍‌ଧିମି, ଧୁମ୍‌ଧିମି, ଧିମ୍‌ଧିମି, ଧୁମ୍‌ଧୁଭିନାଦ ସୁପୂର୍ଣ୍ଣମାୟେ, ଘୁମଘୁମା ଗୁମ୍‌ଘୁମା, ଗୁନ୍‌ଘୁମା, ଗୁନ୍‌ଘୁମା ଶୃଙ୍ଖନିନାଦା ଶୁଭଦାମାତେ, ବିବିଧା ପୁରାନା ଇତିହାସ ସୁପୁଜିତା ବୈଦିକ ମାର୍ଗ ପ୍ରଦର୍ଶୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀ ଧନଲକ୍ଷ୍ମୀ, ପାଳୟମମ୍ ।

ଧାନ୍ୟ ଲକ୍ଷ୍ମୀ : ଲକ୍ଷ୍ମୀଙ୍କର ତୃତୀୟ ସ୍ୱରୂପ ଖାଦ୍ୟଶସ୍ୟର ଦେବୀ ଧାନ୍ୟ ଲକ୍ଷ୍ମୀ । ଶରୀର ଓ ମନର ପୋଷଣ ଆବଶ୍ୟକତା ପରିପୂର୍ଣ୍ଣ କରନ୍ତି ଏହି ଲକ୍ଷ୍ମୀ । ସେ ମନୁଷ୍ୟକୁ କୃଷିଜାତ ଧନ ସହ ଶରୀରର ସମସ୍ତ ଆବଶ୍ୟକତା ପୂରଣ ପାଇଁ ପୋଷଣ ପ୍ରଦାନ କରନ୍ତି । ତାଙ୍କର ଦୟା ଥିଲେ କେବେ ଖାଦ୍ୟରେ ଅଭାବ ହୁଏନି । ଧାନ୍ୟଲକ୍ଷ୍ମୀ ସବୁଜ ବସ୍ତ୍ର ପରିହିତା, ଅଷ୍ଟଭୂଜା ବିଶିଷ୍ଟ । ସେ ଦୁଇ ହାତରେ ପଦ୍ମ ଧରିଥାନ୍ତି । ଅନ୍ୟ ହାତମାନଙ୍କରେ ଜାଇଫଳ, ଧାନକେଣ୍ଡା, ଆଖୁ ଓ କଦଳୀ ଧାରଣ କରିଥାନ୍ତି । ଶେଷ ଦୁଇହାତ ଅଭୟ ମୁଦ୍ରା ଓ ବରଦ ମୁଦ୍ରାରେ ଥାଏ । ଧାନ୍ୟ ଲକ୍ଷ୍ମୀଙ୍କୁ – ଐକାଳି କଲ୍ମଷନାସିନୀ, କାମିନୀ ବୈଦିକରୂପିଣୀ ବେଦମୟେ, କ୍ଷୀରସମୁଦ୍‌ଭବା, ମନ୍ତ୍ରମାତେ, ମଙ୍ଗଳଦାୟିନୀ, ଅମ୍ବୁଜବାସିନୀ, ଦେବଗଣଶ୍ରିତାପ୍ରଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଧାନ୍ୟ ଲକ୍ଷ୍ମୀ ଜୟ ପାଳୟମାମ୍ । ସ୍ତୋତ୍ର ଦ୍ୱାରା ଆରାଧନା କରାଯାଏ ।

ଗଜଲକ୍ଷ୍ମୀ : ହିନ୍ଦୁ ପୁରାଣ ଅନୁଯାୟୀ କ୍ଷୀର ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଏହି ସ୍ୱରୂପରେ ଉଭବ ହୋଇଥିଲେ । ସେ ଜଳର ଈଶ୍ୱର ବରୁଣଙ୍କ ପୁତ୍ରୀ । ସମୁଦ୍ର ଗର୍ଭରେ ବିଭିନ୍ନ ହୋଇଯାଇଥିବା ଇନ୍ଦ୍ରଙ୍କର ସମ୍ପ[] ସବୁକୁ ଗଜଲକ୍ଷ୍ମୀ ପୁଣି ତାଙ୍କୁ ଫେରାଇ ଦେଇଥିଲେ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ଧନ, ସମୃଦ୍ଧି, ସୁଖ ପ୍ରାଚୁର୍ଯ୍ୟ ଓ ରାଜକୀୟତାର ପ୍ରଦାୟିନୀ ତଥା ସୁରକ୍ଷାକାରିଣୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ସବୁଠାରୁ ସୁନ୍ଦର । ଚାରିହସ୍ତ ବିଶିଷ୍ଟା ଦେବୀ ପଦ୍ମଫୁଲ ଉପରେ ଆସୀନଥାନ୍ତି ଓ ଦୁଇ ପାଖରେ ଦୁଇଟି ଧଳାହାତୀ ଠିଆ ହୋଇ ତାଙ୍କ ଉପରେ କଳସରୁ ଜଳ ଢ଼ାଳୁଥାନ୍ତି । ସେ ଲାଲବସ୍ତ୍ର ପରିଧାନ କରି ଦୁଇ ହାତରେ ପଦ୍ମ ଧାରଣ କରିଥାନ୍ତି । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ଜୟ ଜୟ ଦୁର୍ଗତି ନାଶିନୀ, କାମିନୀ, ସର୍ବଫଳପ୍ରଦା ଶାସ୍ତ୍ରମୟେ, ରଥଗଜତୁରଣ ପଦାତି ସମବୃତା ପରିଜନ ମଣ୍ଡିତା ଲୋକମାତେ, ହରିହରବ୍ରହ୍ମା ସୁପୁଜିତା ସେବିତା ତାପନିବାରିଣୀ, ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀଗଜଲକ୍ଷ୍ମୀ ପାଳୟମାମ୍ । ଏହି ସ୍ତୋତ୍ରରେ ଗଜଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

ସନ୍ତାନ ଲକ୍ଷ୍ମୀ : ମା' ଲକ୍ଷ୍ମୀଙ୍କର ଏହି ପ*ମ ସ୍ୱରୂପ ପାରିବାରିକ ଜୀବନର ଧନ ସନ୍ତାନର ଦେବୀ । ତାଙ୍କ ଦୟାରେ ଦମ୍ପତି ସ୍ୱାସ୍ଥ୍ୟବାନ, ଦୀର୍ଘାୟୁ ସୁସନ୍ତାନ ପ୍ରାପ୍ତ ହୁଅନ୍ତି । ଏହି ଲକ୍ଷ୍ମୀ ଷଡ଼ଭୂଜା । ଦୁଇ ହାତରେ କଳସ ଧାରଣ କରିଥାନ୍ତି । ଗୋଟିଏ ହାତରେ ଖଡ଼୍‌ଗ ଓ ଅନ୍ୟଟିରେ ଢ଼ାଲଥାଏ । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାନ୍ତି । ତାଙ୍କ କୋଳରେ ଶିଶୁଟିଏ ଥାଏ । ଶିଶୁଟି ମଧ୍ୟ ପଦ୍ମଫୁଲ ଧରିଥାଏ । ଏ ଗଜବାହିନୀ, ମୋହିନୀ, ଚକ୍ରିଣୀ, ରାଗବିବର୍ଦ୍ଧିନୀ, ଜନମୟେ ଗୁଣଗବାରିଧି, ଲୋକୈଥେ ଶିନି ସପ୍ତସ୍ୱରମୟା ଗଣମାତେ, ସକଳ ସୁରାସୁର ଦେବ ମୁନିସ୍ୱର, ମାନବବନ୍ଦିତା ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ, ସନ୍ତାନଲକ୍ଷ୍ମୀ, ପାଳୟମାମ୍ । ଉପରୋକ୍ତ ସ୍ତୋତ୍ରରେ ସନ୍ତାନଲକ୍ଷ୍ମୀଙ୍କୁ ଆରଧନା କରାଯାଏ ।

ବୀରଲକ୍ଷ୍ମୀ : ଲକ୍ଷ୍ମୀଙ୍କର ଏହି ଷଷ୍ଠ ସ୍ୱରୂପ ସାହାସ, ଶକ୍ତି, କ୍ଷମତା ପ୍ରଦାନକାରିଣୀ । ଯୁଦ୍ଧରେ ବା ଜୀବନ ଯୁଦ୍ଧରେ ଆସୁଥିବା ବିପଦ ଓ ପ୍ରତିବନ୍ଧକକୁ ଅତିକ୍ରମ କରିବା ନିମନ୍ତେ ବଳ ପରାକ୍ରମ ଲାଭ ନିମନ୍ତେ ବୀରଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଜୀବନରେ ସ୍ଥିରତା ପାଇଁ ମଧ୍ୟ ତାଙ୍କୁ ଆରଧନା କରାଯାଏ । ବୀରଲକ୍ଷ୍ମୀ ଅଷ୍ଟଭୂଜା ବିଶିଷ୍ଟ । ସେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତି । ତାଙ୍କ ହାତରେ ଚକ୍ର ଶଙ୍ଖ, ଧନୁତୀର, ତ୍ରୀଶୂଳ ବା ଖଡ଼ଗ, ସ୍ୱର୍ଣ୍ଣଖଣ୍ଡ ବା ପୁସ୍ତକ ଶୋଭାପାଏ । ଅନ୍ୟ ଦୁଇଟି ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ଜୟବରବର୍ଷିଣି, ବୈଷ୍ଣବୀ, ଭାର୍ଗବୀ, ମନ୍ତ୍ରସ୍ୱରୂପିଣୀ ମନ୍ତ୍ରାମୟେ, ସୁରଗଣ ପୂଜିତା, ଶୀଘ୍ର ଫଳପ୍ରଦା ଜ୍ଞାନ ବିକାଶିନୀ ଶାସ୍ତ୍ରମାତେ, ଭବ ଭୟ ହାରିଣୀ, ପାପା ବିମୋଚନୀ, ସାଧୁଜନାଶ୍ରିତ ପଦୟୁତେ, ଜୟ ଜୟ ହେ ମଧୁସୂଦନ କାମିନୀ, ଧୈର୍ଯ୍ୟଲକ୍ଷ୍ମୀ, ଜୟ ପାଳୟମାମ୍ । ସ୍ତୋତ୍ର ବୀରଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

ବିଦ୍ୟାଲକ୍ଷ୍ମୀ : ବିଦ୍ୟାର ଅର୍ଥ ଜ୍ଞାନ ଓ ଶିକ୍ଷା, ଏହା କେବଳ କଲେଜ ଓ ୟୁନିଭର୍ସିଟିର ସାର୍ଟିଫିକେଟ ନୁହେଁ ବରଂ ବାସ୍ତବିକ ଜ୍ଞାନ । ତେଣୁ ଲକ୍ଷ୍ମୀଙ୍କର ଏହି ସ୍ୱରୂପ କଳା ଓ ବିଜ୍ଞାନର ଜ୍ଞାନ ଦାନ କରନ୍ତି । ଜ୍ଞାନର ଦେବୀ ସରସ୍ୱତୀଙ୍କ ପରି ବିଦ୍ୟାଲକ୍ଷ୍ମୀ ଶୁଭ୍ରବସନା, ପଦ୍ମାସନା, ଚାରିଭୁଜା ଧାରିଣୀ । ତାଙ୍କର ଦୁଇଟି ହାତରେ ପଦ୍ମଫୁଲ ଶୋଭାପାଏ । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ତାଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ । ପ୍ରରତ ସୁରେଶ୍ୱରୀ, ଭାରତୀ, ଭାର୍ଗବୀ, ଶୋକ ବିନାଶିନୀ, ରତ୍ନମୟେ, ମଣିମାୟା ଭୂଷିତା କର୍ଣ୍ଣ ବିଭୂଷଣ, ଶାନ୍ତି ସମବୃତା, ହାସ୍ୟମୁଖେ, ନବନିଧି ଦାୟିନୀ କଳିମାଳା ହାରିଣୀ, କାମ୍ୟ ଫଳପ୍ରଦା, ହାସ୍ୟ ଯୁଥେ ଜୟ ଜୟ ହେ, ମଧୁସୂଦନ କାମିନୀ ବିଦ୍ୟାଲକ୍ଷ୍ମୀ ପାଳୟମାମ୍ ।

ବିଜୟ ଲକ୍ଷ୍ମୀ : ବିଜୟ ଅର୍ଥ ଜୟ କରିବା । ତେଣୁ ଏହି ସ୍ୱରୂପା ଲକ୍ଷ୍ମୀ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟର ପ୍ରତୀକ । କେବଳ ଯୁଦ୍ଧ ନୁହେଁ ପ୍ରତ୍ୟେକ ସଂଘର୍ଷ ଓ ଜୀବନ ଯୁଦ୍ଧରେ ବିଜୟରେ ପ୍ରତୀକ ବିଜୟ ଲକ୍ଷ୍ମୀ । ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଜୟ କରିବା ପାଇଁ ବିଜୟଲକ୍ଷ୍ମୀଙ୍କ ଆରାଧନା କରାଯାଏ । ଦେବୀଙ୍କ ଏହି ସ୍ୱରୂପ ଅଷ୍ଟଭୂଜା ଧାରିଣୀ । ସେ ଲାଲ୍ ଶାଢ଼ି ପିନ୍ଧି ପଦ୍ମ ଉପରେ ଆସୀନ ହୋଇଥାନ୍ତି । ହାତରେ ତାଙ୍କର ଚକ୍ର, ଶଙ୍ଖ, ଖଡ଼୍‌ଗ, ଢ଼ାଲ, ଫାଶ ଓ ପଦ୍ମ ଧରିଥାନ୍ତି । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ଜୟ କମଳାସିନୀ ସଦ୍‌ଗତି ଦାୟିନୀ ଜ୍ଞାନ ବିକାଶିନୀ ଗଣମୟେ, ଅନୁଧିନା ମାର୍ଚ୍ଚିତା କୁଙ୍କୁମ୍ ଧୂସର ଭୂଷିତା । ବାସିତା ବାଦ୍ୟନୁତେ କନକଧରାସ୍ତୁତି ବୈଭବ ବନ୍ଦିତା ଶଙ୍କରା ହେ ମଧୁସୂଦନ କାମିନୀ ବିଜୟଲକ୍ଷ୍ମୀ ପାଳୟମାମ୍ । ସ୍ତୋତ୍ରରେ ବିଜୟଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

*ରିଲାକ୍ସ, ଏମ୍ପୋରିୟମ ଲେନ୍,*
*ରାଣୀହାଟ, କଟକ,*
*ଦୂରଭାଷ : ୯୮୬୧୦୪୭୫୭୫*




# ଅଲୌକିକ


ସୁଦର୍ଶନ ମହାପାତ୍ର

ଭୃଗୁ ସ୍କୁଲରୁ ଫେରି ଘରେ ପଶୁ ପଶୁ କହିଲା -' ବୋଉ ନଈ ଉପରେ ରଚ଼ନା ଲେଖିବାକୁ ଗୁରୁ ମା' କହିଛନ୍ତି। କାଲି ଖାତା ଦେଖିବେ।ନଈ ବିଷୟରେ କ'ଣ ଲେଖିବି ? ଖାଲି ଲେଖିଦେବି ନଈରେ ଡଙ୍ଗା ଚ଼ାଲେ,ନଈରେ ମାଛ ରହନ୍ତି,ନଈପାଣି ଚ଼ାଷ କାର୍ଯ୍ୟରେ ଲାଗେ ଆଉ ନଈରେ ବଢିପାଣି ଆସେ। ଏତିକି ଲେଖିଲେ କ'ଣ ଦୁଇ ଫରଦ ହେବ ? ତୁ ମୋତେ ରଫ୍ ଖାତାରେ ଲେଖିଦେବୁ। ମୁଁ ରଚ଼ନା ଖାତାରେ ଲେଖିଦେବି।'

- 'ଧିରେ ଧିରେ କହ। ମାମୁ ଟିକିଏ ଆଗରୁ ଆସି ସେ ଘରେ ଶୋଇଛନ୍ତି।' କହିଲା ନାନୀ।

ଭିତର ଘରେ ଥାଇ ମୁଁ ଶୁଣି ପାରୁଥିଲି ଭୃଗୁ ଆଉ ନାନୀର କଥାବାର୍ତ୍ତା। ବିଛଣାରୁ ଉଠିପଡ଼ି ଭୃଗୁ କୁ ଦେଖିବାକୁ ବାହାରିଲା ବେଳକୁ ସେ ଧୀର ସ୍ୱରରେ ' ବାଥ ରୁମ୍ ଯାଉଛି' ବୋଲି ନାନୀକୁ କହିଲା । ଥକିଲା ଦେହକୁ ମୁଁ ପୁଣିଥରେ ବିଛଣାରେ ଲୋଟାଇଦେଲି।

ମୋ ନିଦ ଭାଙ୍ଗିଲା ବେଳକୁ ' ହେଇ ମାମୁ ଉଠିଲେଣି' କହି ମୋ ପାଖକୁ ଧାଇଁ ଆସିଲା ଭୃଗୁ। ସତେ ଯେମିତି କେତେବେଳୁ ମୋ ଆଖି ଖୋଲିବାକୁ ଅପେକ୍ଷା କରିଥିଲା ସେ।

-' ମାମୁ, ମୋ ପାଇଁ ନଦୀ ବିଷୟରେ ଗୋଟିଏ ରଚ଼ନା ଲେଖିଦେବ ?' ମୁଣ୍ଡିଆ ମାରି ଉଠୁ ଉଠୁ କହିଲା ମୋ ଗେହ୍ଲା ଭଣଜା।

ହେଲେ ମୋ ସମ୍ମତିକୁ ଅପେକ୍ଷା ନକରି ବିଜୁଳି ବେଗରେ ଛୁଟିଯାଇ ଗୋଟିଏ ଖାତା ଆଉ ଡଟପେନ ଧରି ଫେରି ଆସିଲା ଭୃଗୁ। ଏତିକି ବେଳକୁ ନାନୀ ମୋ ସାମନାରେ ଚ଼ା କପ୍ ରଖି ସାରିଥିଲା ।

-'ମାମୁ, ବୋଉ କୁ କହିଲି ରଚ଼ନା ଲେଖିଦେବାକୁ ତ ସେ କହିଲା ବାପାଙ୍କୁ କହ। ବାପାଙ୍କୁ କହିଲି ତ ସେ କହିଲେ ମାମୁ ଙ୍କୁ କହ।'

ମୁଁ ହସିଲି ଭୃଗୁ କଥା ଶୁଣି। ସେ ପୁଣି ପଚ଼ାରିଲା -'ମାମୁ,ତୁମ ଗାଁ ପାଖ ଦେଇ ଯେଉଁ ନଈ ବହି ଯାଇଛି ସେଥିରେ କୁଆଡେ କୁମ୍ଭୀର ରୁହନ୍ତି ? ଗଙ୍ଗା ଯେମିତି ଶିବ ଙ୍କ ଜଟାରୁ ବାହାରିଛି, ତୁମ ଗାଁ ପାଖ ସେଇ ନଈ କେଉଁଠୁ ବାହାରିଛି ? ସେ ନଈରେ ବଢ଼ି ପାଣି ଆସେ ? ମୁଁ ଚ଼ା ପିଇଲା ଭିତରେ ଏମିତି କେତେ ପ୍ରଶ୍ନ ଶୁଣୁଥିଲି ଏବଂ ତା ପ୍ରଶ୍ନ ସବୁର ଉତ୍ତର ଦେବାକୁ ଯଥାସାଧ୍ୟ ଚେଷ୍ଟା କରୁଥିଲି।

ନାନୀର ଡାକରେ ହଠାତ୍ ଚ଼ଞ୍ଚଳ ପାଦ ପକେଇ ଭୃଗୁ ଚ଼ାଲି ଯାଇଥିଲା ଠାକୁର ଘର ଆଡ଼କୁ। ସଂଧ୍ୟା ପ୍ରାର୍ଥନା କରିବାକୁ ସେ ଗଲା ବୋଲି ମୁଁ ଜାଣିଲି।

ଭୃଗୁ କଣ୍ଠରେ ' ଜୟ ଜଗଦୀଶ ହରେ..' ହନୁମାନ ଚ଼ାଳିଶା' ' ଗୀତା ପାଠ ' ଆଦି ମୋତେ ଅଭିଭୂତ କରି ଦେଉଥିଲା। ସତେ ଯେମିତି କେଉଁ ପ୍ରାଜ୍ଞ ବେଦାଚ଼ାର୍ଯ୍ୟ ପ୍ରାଞ୍ଜଳ ସ୍ତୋତ୍ର ପାଠରେ ଦେବାଦେବୀଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରୁଛି ! ଭୃଗୁ କଣ୍ଠରେ ଲାଳିତ୍ୟ ଥିଲା,ଶବ୍ଦ ମାନଙ୍କର ପ୍ରବହମାନତା ଛନ୍ଦମୟ ଥିଲା। ଆହୁରି ଛୋଟ ବେଳେ ସେ ପ୍ରାର୍ଥନା ବୋଲିବାବେଳେ ଶବ୍ଦ ଉଚ୍ଚ଼ାରଣରେ ଯେଉଁ ଅସ୍ପଷ୍ଟତା ଥିଲା ଏବେ ଆଉ ନଥିଲା।

ପ୍ରାର୍ଥନା ସାରି ଭୃଗୁ ମୋ ପାଖକୁ ଆସି ଆଉଥରେ ରଚ଼ନା ଲେଖିବା କଥା ମନେ ପକେଇ ଦେଲା।' ଆହୁରି ବହୁତ ପାଠ ଲେଖିବାକୁ ଅଛି' କହି ଚ଼ାଲିଗଲା ସେ ଆର ରୁମକୁ।

ନଈ ବିଷୟରେ ରଚ଼ନା ଲେଖିବାକୁ ମନ ସ୍ଥିର କରିବା ପୂର୍ବରୁ, ମନେ ପଡ଼ିଗଲା ନଈ ସଂଲଗ୍ନ ଅତୀତର ଘଟଣାଟିଏ। ସେ ଘଟଣା କି ଜୀବନରେ ଭୁଲି ହୁଏ ? ଘଟଣା ନୁହେଁ ତ ଅଲୌକିକ ଘଟଣା କହିଲେ ଠିକ୍ ହେବ। ସେଇ ଘଟଣାଟି ପୁଣି ଏଇ ଭୃଗୁ କୁ ନେଇ..!

ସେ ସେତେବେଳକୁ ତିନି ବର୍ଷର ହୋଇଥାଏ। ଦୁର୍ଗାପୂଜାରେ ନାନୀ ସହିତ ଯାଇଥିଲା ଆମ ଘରକୁ। ସେଇ କଳା ମୁଚୁମୁଚୁ ସୁଗଭୀର ବ୍ରାହ୍ମଣୀ ନଦୀକୁ ନାନୀ ଭୃଗୁ କୁ ପ୍ରଥମ ଥର ପାଇଁ ନେଇ ଯାଇଥିଲା ଗାଧୋଇ ଦେବାକୁ।ବିଧି ପୂର୍ବକ ନଦୀ ଭିତରକୁ ପଇସା ଫୋପାଡି ଭୃଗୁ ଛୁଇଁଥିଲା ନଦୀକୁ। ଆଃ.. କି ଖୁସି ତା'ର।ନାନୀ ଗାଧେଇ ସାରିଲେ ପୁଅକୁ ଗାଧେଇ ଦେବ ବୋଲି ତାକୁ ବସେଇ ଦେଇଥିଲା ନଈକୂଳ ବାଲିରେ।

ଗାଧୋଇବା ବେଳେ ନଈରେ କେମିତି ପହଁରୁଛି ବୋଲି ଭୃଗୁ କୁ ମୁଁ ଦେଖାଉଥିଲି। ସେ ମୋ ଆଡେ ଅପଲକ ନୟନରେ ଚ଼ାହିଁ ରହିଥିଲା । ଟିକିଏ ସମୟ ପରେ ଦେଖିଲି ସେ କୂଳରେ ବସି ପାଣିରେ ଗୋଡ଼ ବାଡ଼ ?ଇ ଚୁବୁରୁ ଚୁବୁରୁ ହେଉଛି।

ସେ ଖୁସି ହେବ ବୋଲି ନାନୀ ଅଜଣାତରେ ତାକୁ ମୁଁ ନଈ ଭିତରକୁ ନେଇଗଲି। ଗୋଟିଏ ହାତରେ ତାକୁ ଛାତିରେ ଜାବୁଡ଼ି ଧରିଥିଲି ଆଉ ଆର ହାତ ଏବଂ ଗୋଡ଼ରେ ଆହୁଲା ଦେଇ ମୁଁ ପହଁରୁଥିଲି।କୂଳଠୁ ପ୍ରାୟ ତିରିଶ ଫୁଟ ଦୂରରେ ମୁଁ ଥିଲି ଆଉ ଏତିକି ବେଳକୁ ନାନୀର ନଜର ପଡିଲା ଆମ ଉପରେ।

ଚ଼ିଲେଇ ଉଠିଲା ନାନୀ। ଭୟରେ ସେ ଦିଶୁଥିଲା ଆକ୍ତାମାକ୍ତା।କଂସ ମାମୁ ସତେକି ଛଡ଼ ?ଇ ନେଇଛି ତା ଏକୋଇରବଳା ବିଶିକେଶନକୁ! ତା ଜୀବନ ଯେମିତି ଅଟକିଥିଲା ପୁଅ ପାଖରେ।

-'ପୁଅକୁ ଆଣ' ପୁଅକୁ ଆଣ..'ବୋଲି ନାନୀର ଚ଼ିତ୍କାରରେ ମୁଁ ଡରିଗଲି।ତା ପରକୁ କିନ୍ତୁ ନାନୀର କାତର ସ୍ୱର..! ମୋ ପାଖରେ ଗୁହାରି କରୁଥିଲା ତା ପୁଅକୁ କୂଳକୁ ନେବାକୁ।

ଆଉ ଆଗକୁ ନଯାଇ କୂଳକୁ ଫେରିବାର ଉପକ୍ରମ କଲି। ପଛକୁ ବୁଲି ପଡିଲି ଭୃଗୁ କୁ ସେମିତି ଛାତିରେ ଜାକି ଧରି।

ଅଘଟଣଟିଏ ଘଟିଗଲା। ସୋରିଷ ତେଲ ମାଲିସ ହୋଇଥିବା ଭୃଗୁ ର ଦେହ ମୋ ହାତରୁ ଖସିଗଲା।

ହୃଦସ୍ପନ୍ଦନ ମୋର ବନ୍ଦ ହୋଇଯିବ କି ଆଉ !

ହାତ ବୁଲେଇ ଖୋଜିଲି ମୋ ହଜିଲା ଧନକୁ। ହେଲେ ହତାଶ। ସେଇଠି ବୁଡ ପକେଇଲି ତତକ୍ଷଣାତ୍।

ହଠାତ୍ ମୋ ଦେହରେ ବାଜିଲା ଭଳି ଲାଗିଲା କିଛି। ତାପରକୁ ମୋ ଦେହ ଛୁଇଁ ଆହୁରି ତଳକୁ।ଫୁଟବଲକୁ କିକ୍ ମାରିଲା ଛାଟିଦେଲି ପାଦକୁ।

ମୋ ଧନ ଆସିଗଲା ମୋ ହାତ ପାଖକୁ। ସମୁଦାୟ ଘଟଣା କେଇ ସେକେଣ୍ଡ ଭିତରେ ସମାହିତ ହୋଇଗଲା।ମୋ ଆଖିରେ ଲୁହ। ନାନୀ ଆଖି ବିସ୍ଫାରିତ !

ଏଥର ଦୁଇ ହାତରେ ଜାବୁଡି ଧରିଲି ତାକୁ କୋଟିନିଧି ପାଇଲା ପରି। କେବଳ ଗୋଡ଼ରେ ଆହୁଲା ମାରି ମାରି କୂଳରେ ପହଞ୍ଚିଲି। ଭୃଗୁ କିନ୍ତୁ ଖୁବ୍ ଖୁସି ଥିଲା।

କେମିତି କ'ଣ ଘଟଣାଟି ଘଟିଗଲା ମୁଁ ଆଜି ବିଶ୍ୱାସ କରି ପାରୁନଥିଲି। କେମିତି ସେ ଉଦ୍ଧାର ହେଲା ? କିଏ ତାକୁ ଉଦ୍ଧାର କଲା ? କିଏ ମୋତେ ଉଦ୍ଧାର କଲା କୁସ୍ୱାରଟନାରୁ ? ମୁଁ ସତକୁ ସତ ଆଖ୍ୟାୟିତ ହୋଇଯାଇଥାନ୍ତି କଂସାସୁର ନାମରେ..!

ଅନ୍ତସ୍ଥଃ ହେଲି ଯେତେବେଳେ ଭୃଗୁ ଆସି ମୋତେ ରଚ଼ନା କଥା ପଚ଼ାରିଲା। ଅଧଘଣ୍ଟାଏ ଭିତରେ ନଈକୁ ନେଇ ରଚ଼ନାଟିଏ ଲେଖି ତାକୁ ଧରେଇ ଦେଲି ଏବଂ ବୁଝେଇ ଦେଲି ରଚ଼ନାର ବିଷୟବସ୍ତୁକୁ।

ପିଲାଦିନରୁ ପ୍ରାର୍ଥନା, ଶ୍ଳୋକ ଇତ୍ୟାଦି ଆବୃତ୍ତି କରୁ କରୁ ଭୃଗୁ ଧିରେ ଧିରେ ଈଶ୍ୱର ମନସ୍କ ହୋଇ ଯାଇଥିଲା।ଦାନ,ଧର୍ମ, ଭକ୍ତି ଆଦିରେ ଥିବା ତା'ର ରୁଚ଼ି ସେଇ ପିଲାଦିନରୁ ବାରି ହୋଇ ପଡୁଥିଲା।

ଏମିତି ଥରେ ଭୃଗୁ ବିଷୟରେ କଥାବାର୍ତ୍ତା ହେଉଥିବା ବେଳେ ନାନୀ ଯାହା କହିଥିଲା ମୋର ଏବେ ବି ମନେଅଛି। ଭୃଗୁ ତା ଗର୍ଭରେ ଥିଲାବେଳେ ପ୍ରାୟ ଧ୍ୟାନସ୍ଥ ଥାଏ ବୋଲି ନାନୀ କେତେଥର ସ୍ୱପ୍ନରେ ଦେଖିଥିଲା।ସେତେବେଳେ ନାନୀର ସେ କଥା ମୋ ମନରେ ଗଭୀର ରେଖାପାତ କରିଥିଲା।

ଘରେ ସମସ୍ତେ ଆଇଁଷ ଖାଉଥିବା ବେଳେ ଭୃଗୁ ହିଁ ହଠାତ୍ ଆଇଁଷ ବର୍ଜନ କରିଦେଇଥିଲା। ସେତେବେଳକୁ ତାକୁ ଆଠବର୍ଷ ହେବ। ଏମିତି ପଢାପଢିରେ ସେ ଖୁବ୍ ଭଲ ଥିଲା। ଏ ଯେଉଁ ଘଟଣାବଳୀର ଉପସ୍ଥାପନା କଲି ଆଜିକୁ ଦୀର୍ଘ ପଚ଼ିଶ ତିରିଶ ବର୍ଷ ତଳର କଥା।

ପାଠପଢା ଶେଷ ହେଉ ହେଉ ଭୃଗୁ ଟି ସି ଏସ ରେ ଚ଼ାକିରି ପାଇଗଲା। ହେଲେ ତା ଗୁଣାବଳୀର କିଛି ବି ପରିବର୍ତ୍ତନ ହୋଇ ନଥିଲା। ଅସୁବିଧା ସମୟରେ କାହାକୁ ସାହାଯ୍ୟ କରିବା, ଗରିବ ସାଙ୍ଗମାନଙ୍କୁ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ ଅକୁଣ୍ଠ ଚ଼ିତ୍ତରେ ଯୋଗାଇଦେବା ତା'ର ବଳବତ୍ତର ଥିଲା। ବହୁତ ସାଙ୍ଗ ତା ବଦାନ୍ୟତାର ଫାଇଦା ଉଠାଉଛନ୍ତି ବୋଲି ତାକୁ ଚେତେଇ ଦେଲେ ବି ସେ ସବୁକିଛି ବୁଝିଲା ପରି ଚୁପ୍ ରହୁଥିଲା ସିନା ନିଜ ଭିତରେ କିଛି ସଂଶୋଧନ ଆଣୁନଥିଲା।

ଗୋଟିଏ ବର୍ଷର ଦୁର୍ଗାପୂଜା ସମୟ।ଜଣେ ସାଙ୍ଗକୁ ନେଇ ଭୃଗୁ ବାହାରିଗଲା ଭ୍ରମଣରେ। ଆଠଦିନ ପରେ ସାଙ୍ଗ ଜଣକ ଫେରି ଆସିଲା ସିନା ହେଲେ ଭୃଗୁ ରହିଗଲା ଋଷିକେଶ ରେ। ସେଇଠି ଥାଇ ଅନୁମତି ମାଗିଲା ସନ୍ୟାସୀ ଧର୍ମରେ ଦୀକ୍ଷିତ ହେବା ପାଇଁ।

ସେ ବୁଲିବାକୁ ଯିବା ପରେ ପରେ ଘର ଠିକଣାରେ ଆସିଥିବା ଟି ସି ଏସ୍ ର ଚ଼ିଠି ଆମେ ପାଇ ସାରିଥିଲୁ । ସେଇ ଚ଼ିଠିଟି ଥିଲା ଭୃଗୁ ର ଚ଼ାକିରି ରୁ ଅବ୍ୟାହତି ଆବେଦନର ସ୍ୱୀକୃତି ଗ୍ରହଣ ଚ଼ିଠି। ସେ ଯେ ତିନି ମାସ ଆଗରୁ ଚ଼ାକିରି ଛାଡିବା ପାଇଁ ଆବେଦନ କରିଥିଲା ଆମେ ସେଇ ଚ଼ିଠିରୁ ବି ଜାଣିଲୁ।

ଅତଏବ ସେ ଅନୁମତି ପାଇଯାଇଥିଲା ତା' ବାପା ବୋଉଙ୍କ ଠାରୁ। ପ୍ରକୃତରେ ବାପା ମାଆ ଙ୍କ ଠାରୁ ଅନୁମତି ନ ଆଣିଲେ ତାକୁ ଶିଷ୍ୟ ରୂପେ ଗ୍ରହଣ କରିବାକୁ ରାଜିନଥିଲେ ଗୁରୁ। ବାପା ମାଆ ଗୋଟିଏ ବୋଲି ପୁଅ କୁ ସନ୍ୟାସୀ ହେବାକୁ ଅନୁମତି ଦେଲେ ବୋଲି ସହଜରେ ବିଶ୍ୱାସ କରି ନଥିଲେ ଗୁରୁଜୀ। ତେଣୁ ସେ ନିଜେ ଫୋନ୍ କରି ସତ୍ୟାସତ୍ୟ ଜାଣିଥିଲେ ନାନୀ ଏବଂ ଭାଇନାଙ୍କ ଠାରୁ। ସେମାନେ ସମ୍ମତି ଦେଇଥିଲେ ଏଇଥିପାଇଁ ଯେ, ବାଧ୍ୟବାଧକତାରେ ଭୃଗୁ ଯଦି ସଂସାର ଧର୍ମ ପାଳନ ପାଇଁ ରାଜି ହୁଏ ଏବଂ ପରକ୍ଷଣରେ ଗୌତମ ବୁଦ୍ଧଙ୍କ ପରି ସଂସାର ବିମୁଖ ହୋଇଯାଏ, ତେବେ ଗୋଟିଏ ଝିଅର ଜୀବନ ନଷ୍ଟ ହୋଇଯିବ।

ତଥାପି ଗୁରୁଜୀ ଭୃଗୁ କୁ ଗ୍ରାହାସ୍ଥ୍ୟ ଧର୍ମ ପାଳନ କରିବାକୁ ବୁଝାଇଥିଲେ। ତାକୁ ତିନି ମାସ ସମୟ ଦେଇଥିଲେ ପୁଣି ଥରେ ନିଜ ବିଚ଼ାରର ତର୍ଜମା କରିବାକୁ।

ଶେଷରେ ସନ୍ୟାସୀ ଧର୍ମରେ ଦୀକ୍ଷିତ ଭୃଗୁ, ଗୁରୁଙ୍କ ଦ୍ୱାରା ପ୍ରଦତ୍ତ ନୂଆ ନାମରେ ନାମିତ ହେଲା।

* * * * *

ଏଇ କେଇଦିନ ତଳେ ଉତ୍ତରାଖଣ୍ଡରେ ହୋଇଥିଲା ବାଦଲ ଫଟା ବର୍ଷା। ଭୃଗୁ ସେତେବେଳେ ସେଇଠି ଥିଲା ବୋଲି ଆମେ ଜାଣିଥିଲୁ। ହଠାତ୍ ଖବର ପାଇଲୁ ବର୍ଷା ଯୋଗୁଁ ହୋଇଥିବା ପାହାଡ ସ୍ଖଳନରେ ବ୍ୟାପକ କ୍ଷୟକ୍ଷତି ସମ୍ପର୍କରେ।ତା ସହିତ ଶୁଣିଲୁ କେତେ ଲୋକଙ୍କର ଜୀବନାବସନ ବିଷୟରେ। ଦିନକୁ ଥରେ ଘର ସହିତ କଥାବାର୍ତ୍ତା କରୁଥିବା ଭୃଗୁ ତିନି ଦିନ ଧରି କଥା ହୋଇନଥିଲା। ସେଠିକୁ ଯିବାକୁ ସବୁ ପ୍ରକାର ରାସ୍ତା ବନ୍ଦ ଥିଲା।ଚ଼ିନ୍ତାରେ ଏବଂ ଦୁଃଖରେ ମ୍ରିୟମାଣ ଥିଲୁ ଆମେ ସମସ୍ତେ।

ହଠାତ୍ ଅଜଣା ନମ୍ବରରୁ ଫୋନ୍ ଆସିଲା। ଫୋନ୍ କରିଥିଲା ନିଜେ ଭୃଗୁ। ବଖାଣି ଥିଲା ନଦୀର ପ୍ରଖର ସ୍ରୋତରେ ସେ ଭାସିଯିବାର ଘଟଣା ଏବଂ ସଂଜ୍ଞାହୀନ ହେବାର ଦୀର୍ଘ ଦୁଇ ଦିନ ପରେ ନିଜକୁ ନିଜେ ଅଜଣା ଜାଗାରେ ଆବିଷ୍କାର କରିବାର କଥା।

କିଏ ପୁଣି ଥରେ ଭୃଗୁକୁ ପାଣିରୁ ଛାଣି ଆଣିଲା ? କିଏ ତାକୁ ପୁଣି ଜୀବନ ଦାନ ଦେଲା ଏ ବିପର୍ଯ୍ୟୟ ସମୟରେ... ?

ମୁଁ ଖୁସିରେ ଗଦଗଦ ହୋଇ ମୋର ପରମ ଆରାଧ୍ୟ ଜଗତର ନାଥ ଜଗନ୍ନାଥଙ୍କୁ ସୁମରଣା କଲି ।

-ହେ ପ୍ରଭୁ କୃପା ହେଉ।ଭୃଗୁ ଯୋଗଜନ୍ମା ହେଉ...!!!

*କୁଞ୍ଜବିହାରୀ ଲେନ, କଟକ*
*ମୋ: ୯୪୩୮୧୭୫୫୪୨*

## ବୋଉ

*ରତ୍ନକାନ୍ତି ମିଶ୍ର*



ଜାଲୁଜାଲୁଆ ଦିଶୁ ପଛେ ବାଟ
କାହିଁକି କେଜାଣି
ଭଲ ଲାଗୁଛି ଅନ୍ଧାର
ଆଲୁଅରେ ଦିଶୁନି ଆଉ ତା ମୁହଁ
ଅଥଚ଼,ଭାରି ଚ଼ିହ୍ନା ଚ଼ିହ୍ନା
ଲାଗୁଛି ସେ କଅଁଳ ଡାକ ।

ସତ କହୁଚ଼ି
ଏ ଆଲୁଅ ଭର୍ତ୍ତି ଅନ୍ଧାରରେ
ଥରେ ଥରେ ଇଚ୍ଛା ହୁଏ
ଆଉଥରେ ଶୁଣି ପାରନ୍ତି କି
ତା ଗେହ୍ଲିଆ ଡାକ
କହନ୍ତା କି
ମୋ ହାତ ଗଢା ପୃଥିବୀରେ
ରହିଯା ଆଜିକ
ପୋଛି ଦିଅନ୍ତା ତା ପଣତ
ଆଉଥରେ ଯେତେ ଦୁଃଖ ଦକ ।

ସକାଳରୁ ସଞ୍ଜଯାଏ
ଏ ସଂସାରରେ ଦଉଡିବା ଚ଼ାଲିଥାଏ
ସଜାଡି ରଖିବାକୁ ଭେକ ଆଉ ଭୋକ
ଜଗିବାକୁ କା'ର କେତେ ସ୍ୱାର୍ଥ
ହେଲେ ନିଆରା ସେଇ ଜଣକ
ସେ ସମଭାବାପନ୍ନ
ନା ଥାଏ ପ୍ରାପ୍ତି ଲକ୍ଷ
ତା କଣ୍ଠ ନିଃସୃତ ଶବ୍ଦମାନେ ପାଲଟନ୍ତି
ସୁମଧୁର ନାନା ବାୟା ଗୀତ ।

ଗୋଟେ କାନ୍ଦ କାନ୍ଦ ସ୍ୱପ୍ନରେ
ରାତି ପାହିଯାଏ ସିନା
ତା ପଛକୁ ଯେଉଁ ସକାଳ ଓହ୍ଲାଏ
ମୋତେ ଦୃଶ୍ୟ ହୁଏ ,ବୋଉ
ସେଇ ଉଜ୍ଜ୍ୱଳ ଆଲୋକ...!!!

*ଆଳି, କେନ୍ଦ୍ରାପଡା*

## ପୂର୍ଣ୍ଣତା ଓ ଶୂନ୍ୟତା

*ପୂର୍ଣ୍ଣଚ଼ନ୍ଦ୍ର ବହଳୀ*



ଯେତେବେଳେ ବୃକ୍ଷର ପତ୍ର ଶୁଖିଯାଏ
ପତିତ ହୁଏ ଭୂମିରେ
ଏହା ତାହାର ନିରାଶା ନୁହେଁ -
ଏକ ନୀରବ ବ୍ରତ
ଯିଏ କହେ
ଯେତେ ବଳଶାଳୀ ହୁଅ
ଦିନେ ନା ଦିନେ ଝରିପଡିବ ।

ଯେଉଁ ଶୁଖିଲା ପତ୍ର ପତିତ
ହୁଏ ଭୂମିରେ
ତାହା କୌଣସି ଗୋଟିଏ
ଗୋଟିଏ ଶବ ନୁହେଁ
ବରଂ ସମୟର ଆହ୍ୱାନ
ଯେଉଁଥିରେ ଲେଖାଯାଇଛି
ଜୀବନ ଯାତ୍ରାରେ ଖାଲି ପାଇବାର ନାହିଁ
ପାଇବାକୁ ହେଲେ
ଛାଡିବାକୁ ବି ପଡିବ।

ପାତ୍ରଝଡା ବୃକ୍ଷରେ ଲୁଚ଼ିରହିଥିବା
ସତ୍ୟକୁ ଆମେ ଦେଖିପାରନ୍ତି ନାହିଁ
ସେ ବିରହରେ ମିଳନର
ଅପୂର୍ବ ଆନନ୍ଦ ଖୋଜେ
ବୃକ୍ଷର ଶୁଷ୍କ ଶାଖା
କେବଳ ବସନ୍ତର ଆଗମନକୁ
କରେନାହି ଅପେକ୍ଷା
ସେ ଜାଣେ
ପୂର୍ଣ୍ଣତାର ପ୍ରଥମ ନାମ ଶୂନ୍ୟତା ।

*ସମ୍ପାଦକ,ଶିବାନୀ*
*ଭଦ୍ରକ*

## ଆଲୋକିତ ଅନ୍ଧାର

*ଆଦ୍ୟାଶା ମହାପାତ୍ର*



ଅନ୍ଧାର ପ୍ରରୋଚ଼ିତ କରେ ଜଳିବାକୁ
ତାରା ନହୁଅ ପଛେ
ମାଟିଦୀପ ଟିଏ ହୋଇ ଜଳୁଥାଅ
ସୂର୍ଯ୍ୟୋଦୟ କୁ ଅପେକ୍ଷା ନକରି
ଅନ୍ଧାର ପ୍ରେରଣା ଦିଏ
ହଜି ନଯାଇ ନିଜକୁ ଖୋଜିବାକୁ
ଅନ୍ଧାରର ସମୁଦ୍ରରୁ
ଉଜ୍ଜଳ ମୁକ୍ତା ସଂଗ୍ରହ କରିବାକୁ
ଭୋର ଆସି ତାକୁ ଲିଭେଇବା ଆଗରୁ
ଅନ୍ଧାର ଦେଇ ସାରିଥାଏ
ତା'ର ନିବିଡ଼ ଆଲିଙ୍ଗନ
ଯାଚ଼ି ଦେଇଥାଏ ତା'ର ଅନ୍ତରଙ୍ଗତା
ଆଲୁଅ ଦିନର ଚ଼ିହ୍ନାପଣ
ଅନ୍ଧାର ରାତିର ଆତ୍ମୀୟତା
ଆଲୁଅ ଧରାପକେଇ ଦିଏ
ଅନ୍ଧାର ହଜେଇ ଦିଏ
ଆଲୁଅ ଝଲସାଏ
ଅନ୍ଧାର ପୋଛିଦିଏ
ଅନ୍ଧାର ଆଉ ଆଲୁଅ
ଦୁହିଁଙ୍କୁ ତ ଆଖି ଛୁଏଁ
ଆପଣାର କରେ
ତଥାପି
ଅନ୍ଧାର କିଆଁ ଏତେ ଭଲଲାଗେ... ?
ଅନ୍ଧାର ଚେତେଇ ଦିଏ
ମୃତ୍ୟୁ ଅଶେଷ ନିଷ୍କ୍ରିୟତା
ଜୀବନର ଅର୍ଥମୟତା
ଅନ୍ଧାର ଅନ୍ଧାର ନୁହେଁ
ଏକ ଆଲୋକିତ ପଥ
ଅନ୍ଧାର ଅଭିଶାପ ନୁହେଁ
ଏକ ଅନିର୍ବାଣ ଆଶ୍ୱାସନା
ପ୍ରମେୟ ପ୍ରତିଶ୍ରୁତି...!!!

*ନୂଆପଡା, କଟକ*

## ପ୍ରତୀକ୍ଷିତ ଭବିଷ୍ୟତ

*ସୁଧାକର ରାଉତ*



ଜୀବନର ଅପରିମେୟ ସଂଖ୍ୟାକୁ
ପରିମିତ ଧାରାରେ ସୀମିତ କରିବା
ନୁହଁଇ ସହଜ ।
ସେଇଥିଲାଗିତ ବର୍ତ୍ତମାନ ନୁହେଁ
ଅତୀତଟା ଅଛିଣ୍ଡା ରହେ
ପୌନପୁନିକ ଦଶମିକ ଭଳି ।
କେବେ ଦିନେ ଆଉଁସି ଥିଲା ସେ
ତା କଅଁଳିଆ ପାପୁଲିରେ ।
ସେବେଳେ ଭଲ ଲାଗୁଥିଲା
ଭିଜିବାକୁ ଡ଼ହ ଡ଼ହ ଖରାରେ ।
ଏବେ ତ ସଞ୍ଜ ନଇଁବା ବେଳ
ଶୂନ୍ୟ ଛାତିକୁ ସିଏ କରୁଛି କୋଳ ।
ଦୁଃଖରେ ଝରିଗଲେ ଦୁଇଟୋପା ଲୁହ
ଅସହଣି ଅନ୍ଧାରରେ
ହଜିଯାଏ ଆହାପଦ ଶୁଣିବାର ବେଳ ।
ଶୁଖିଲା ମାଟିରେ ପରା ଖସିଯାଏ ପାଦ
ଚୋରବାଲି ନୁହେଁ
ବର୍ତ୍ତମାନର ଅଣ୍ଟା ସଳଖିଲେ
ଆସଇ ବିପଦ ।
ଭାସୁଛି ଜୀବନର ଦଦରା ନଉକା
ଅନିଶ୍ଚିତତା ନଦୀରେ
ବୁଡିବା ଛନ୍ଦରେ ।

*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

## କଳିଯୁଗର କଳା ଜ୍ୟୋତିଷ

*ପ୍ରଶାନ୍ତ କୁମାର ନାୟକ*



ଆହେ କଳିଯୁଗ ଜ୍ୟୋତିଷ
ପ୍ରଭୁ କଳା ସାଆନ୍ତ,
ବାରହାତ ଖଣ୍ଡା ଧରି ପ୍ରଭୁହେ
ତୁମେ ହୁଅ ଜାଗ୍ରତ ॥
କଲ୍କି ଅବତାର ତୁମରି
ତୁମେ କର ଧାରଣ ,
ଏ ଧରାଧାମରୁ ଦୁଷ୍ଟଙ୍କୁ
ତୁମେ କର ନିଧନ ॥
ଉପାୟ ଶୂନ୍ୟ ଆଜି ଦୁନିଆ
ସହେ କେତେ ପାପର ଭାର ,
ତ୍ରାହି ତ୍ରାହି ଶବ୍ଦ ଶୁଭୁଛି
ପ୍ରଭୁ ତୁମେ କର ଉଦ୍ଧାର ॥
ଏତେ କଷ୍ଟ ଆଉ ନଦିଅ
କେତେ ହେଲାଣି ଡେରି ,
ରକ୍ଷାକର ତୁମ ସୃଷ୍ଟିକୁ
ଏହି ମୋର ଗୁହାରି ॥
କଳିଯୁଗ କଳା ଜ୍ୟୋତିଷ
ଆହେ ମୋର କଳାଠାକୁର ,
ଅନ୍ତ କେବେ କଳିଯୁଗର
ତୁମେ ଏବେ କର ବିଚ଼ାର ॥

*ୟୁନିଟ୍-୦୫; ଭୁବନେଶ୍ୱର*
*ଫୋନ୍ -୮୨୪୯୬୫୦୪୧୪*

## କୁଆଁର ପୁନେଇଁ


ରାମଚ଼ନ୍ଦ୍ର ବେହେରା

କୁଆଁର ପୁନେଇଁ ଆସିଛି ରାଇଜେ
ଖୁସିର ପସରା ନେଇ
କୁଆଁରୀ ପାଳିବେ ବ୍ରତ ଉପାସନା
ଭକ୍ତିପୂତ ଅର୍ଘ୍ୟ ଦେଇ
ସ୍ନାନବିଧି କର୍ମ ସାରି
ସାତ ଫଳ ସହ ଆଂଜୁଳି ଟେକିବେ
ସୂର୍ଯ୍ୟଂକୁ ଭକତି ଭରି।
ସଂଜ ନଇଁଗଲେ ଚ଼ଉରା ସମୀପେ
କୁଆଁରୀ ହୋଇବେ ମେଳି
ଚ଼ାନ୍ଦ ଚ଼ଉରାକୁ ଶ୍ରଦ୍ଧାରେ ପୂଜିବେ
ଦେଇ ପୂଣ୍ୟ ହୁଳହୁଳି
ହେବ ବନ୍ଦାପନା ନୀତି
କାର୍ତ୍ତିକେୟ ପରି ସାଥୀଟିଏ ପାଇଁ
କରିବେ ହୃଦେ ବିନତୀ।
ନୀଳ ଗଗନରେ ଚ଼ନ୍ଦ୍ରମା ହସିବ
ରୂପେଲି ଜୋଛନା ଦେଇ
କୁଆଁରୀ ଗାଇବେ ସୁମଧୁର ଗୀତ
ଗାଆଁ ଦାଣ୍ଡେ ସାଥି ହୋଇ
ଖେଳି ପୁଚ଼ି ବୋହୂଚୋରୀ
ହର୍ଷ ଉଲ୍ଲାସରେ ରାତିକୁ କାଟିବେ
ସ୍ନେହ ଶ୍ରଦ୍ଧା ମନେ ଭରି।
ପୁନେଇଁ ତିଥିରେ ଗଜଲକ୍ଷ୍ମୀ ପୂଜା
ହେବ ପୂଣ୍ୟ ଉତ୍କଳରେ
ସ୍ୱର୍ଗରୁ ଓହ୍ଲାଇ ମାତା ସୁପ୍ରସନ୍ନା
ବିରାଜିବେ ମଣ୍ଡପରେ
ହସିବ ଏ ମର୍ତ୍ତ୍ୟଧାମ
ମାତାଂକ ଆଶିଷେ ମିଳିବ ଐଶ୍ୱର୍ଯ୍ୟ
ମୋକ୍ଷ କାମନା ଓ ଧର୍ମ।
ଆମ ପରମ୍ପରା ସଂସ୍କାର ସଂସ୍କୃତି
ସାରା ଦେଶରେ ନିଆରା
ମାତା ପଦ୍ମାସନା ଭକ୍ତଂକୁ ବାଣ୍ଟିବେ
ବୈଭବ ଅମୃତ ଧାରା
ହସିବ ପବିତ୍ର ମହୀ
ଧନ ଐଶ୍ୱର୍ଯ୍ୟରେ ଭରିଯିବ ଧରା
ପଦ୍ମଜାଂକ କୃପା ପାଇ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୫୩୪୩୪୬*

## ଚ଼ାଷୀ ଓ ଚ଼ାକିରିଆ ଦୁଇ ବନ୍ଧୁ


ସୁରେନ୍ଦ୍ର ରଣା

ଗୋଟିଏ ସୁନ୍ଦର ଗାଁରେ ଦୁଇ ଜଣ ସାଙ୍ଗ ଥିଲେ । ଜଣଙ୍କ ନାମ ଜିତେଶ ଓ ଅନ୍ୟ ଜଣଙ୍କର ନାମ ସୁମନ୍ତ ।ଜିତେଶ ଥିଲା ଜଣେ ଚ଼ାଷୀ । ସକାଳୁ ସୂର୍ଯ୍ୟ ଉଇଁବା ପୂର୍ବରୁ ସେ ନଦୀକୂଳରୁ ପାଣି ଆଣି, ମାଟିକୁ କାଦୁଅ କରି, ଧାନ ବୁଣି, ପୋକ ଉଡାଇ, ଗରମରେ ଝାଳ ବୁହାଇ କାମ କରୁଥିଲା। ସୁମନ୍ତ ସରକାରୀ ଚ଼ାକିରୀ କରୁଥିଲା । ସେ ସହରରେ ଗୋଟେ କାର୍ଯ୍ୟାଳୟରେ କାମ କରୁଥିଲା ଛ ସୁଟ, ଟାୟା ପିନ୍ଧି, କମ୍ପୁଟର ସାମ୍ନାରେ ବସି, କାଗଜପତ୍ର ଦେଖି କରି, ସେ ନିଜ କାମ ନିଜେ କରୁଥିଲା । ଜିତେଶର ଚ଼ାଷୀ ଜୀବନରେ କଷ୍ଟ ଥିଲା, କିନ୍ତୁ ସେ ମାଟିର ସୁଗନ୍ଧ ଭୋଗ କରୁଥିଲା ଧାନ ପାଚ଼ିଲେ ସୁବର୍ଣ୍ଣ ରଙ୍ଗର ଧାନ କ୍ଷେତ ଦେଖି ତାର ହୃଦୟ ପ୍ରସନ୍ନ ହେଉଥିଲା । ବଜାରରେ ଫସଲର ମୂଲ୍ୟ ଅଧିକ ମିଳୁନଥିଲା ତଥାପି ସେ ପରିବାର ସହିତ ହସଖୁସିରେ ଜୀବନ ଅତିବାହିତ କରୁଥିଲା। ସେଥିରେ ତାର ଆତ୍ମସନ୍ତୋଷ ଥିଲା । ଏହି ଧାନ ମୋର ହାତର ପରିଶ୍ରମ, ମୋର ମାଟିର ଦାନ । ସୁମନ୍ତର ଚ଼ାକିରି ଜୀବନରେ ସୁବିଧା ଥିଲା । ମାସ ଶେଷରେ ନିର୍ଦ୍ଧାରିତ ଦରମା ମିଳୁଥିଲା । ସହରରେ ସେ ବିଜୁଳି, ପାଣି, ବଜାର, ଶିକ୍ଷା ସବୁ ଉପଭୋଗ କରୁଥିଲା । କିନ୍ତୁ ସେ ସକାଳୁ ସୂର୍ଯ୍ୟୋଦୟ , ପକ୍ଷୀର ଚ଼ିତ୍କାର, ପ୍ରାକୃତିକ ଦୃଶ୍ୟ ଉପଭୋଗ କରି ପାରୁ ନ ଥିଲା । ସେ କାମରେ ସଦାବେଳେ ବହୁତ ବ୍ୟସ୍ତ ।ଦିନେ ଆଠ ନଅ ଘଣ୍ଟା ଅଫିସ, ରାତିରେ କାଗଜ ଓ ହିସାବ ନିକାଶ କରେ।ସେମାନଙ୍କର ଜୀବନରେ ଶାନ୍ତିର ଅଭାବ ଥିଲା । ଦୁଇ ଜଣଙ୍କ ଭେଟ ସାକ୍ଷାତ ହୋଇ ଥିଲା,ଯେତେବେଳେ ଗୋଟେ ବର୍ଷ ଦଶହରା ସମୟରେ ସୁମନ୍ତ ଛୁଟିରେ ଗାଁକୁ ଆସିଲା । ସେ ଜିତେଶକୁ ଦେଖିଲା, ଧାନ କାଟୁଥିବା ସମୟରେ ଝାଳରେ ଭିଜିଥିଲା କିନ୍ତୁ ମୁହଁରେ ହସ ଥିଲା ।

ସୁମନ୍ତ କହିଲା, ବନ୍ଧୁ ତୁମେ ଦିନ ରାତି କଷ୍ଟ କର ମାଟିରେ ଝାଳ ବୁହାଅ, ତଥାପି ବଜାରରେ ନ୍ୟାୟସଙ୍ଗତ ଦର ମିଳୁନାହିଁ । ମୋତେ ଦେଖ ସହରରେ ବସି ଦରମା ମିଳୁଛି, ସୁବିଧା ମିଳୁଛି ତୁମ ପରି ଦୁଃଖ କଷ୍ଟ ନାହିଁ । କିନ୍ତୁ ବନ୍ଧୁ ମୁଁ ଜୀବନରେ ସବୁବେଳେ ପରିଶ୍ରମ କରିବାକୁ ପଡିଲା । ପାଠ ଶେଷ ପରେ ଅନେକ ଚ଼ାକିରୀ ପାଇଁ ଫର୍ମ ଭରିଲି, ଟେଷ୍ଟ ପରୀକ୍ଷା ଦେଲି, ଇଣ୍ଟରଭିଉ ଦେଲି । ମୁଁ ବନ୍ଧୁ ବହୁତ କଷ୍ଟରେ ପାଠ ପଢି ଆଜି ଘର ଚ଼ଲେଇବା ପାଇଁ ଗୋଟେ ଛୋଟ ଚ଼ାକିରୀ କରୁଛି ମୋ ପରିବାର ସେ ଚ଼ାକିରୀ ଟଙ୍କାରେ ଚ଼ଳୁଛୁ ।ମା ବାପାର କଷ୍ଟ କୁ ଦେଖି ଆଜି ଚ଼ାକିରୀ କରିଛି । ମୋ ଜୀବନରେ ବି ବହୁତ କଷ୍ଟ ଅଛି ନା କାହାକୁ କହି ହେଉଛି, ନା ସହି ହେଉଛି ।ଜୀବନ ଚ଼ାଲିଛି ଚ଼ାଲିଛି ମୋ ନିଶ୍ୱାସ କେବେ ଅଟକିଯିବ, ମୁଁ ବି ଜାଣିନି ସେଥିପାଇଁ ବହୁତ ଗର୍ବ କରିବା ଭଲନୁହେଁ ବନ୍ଧୁ।ଜିତେଶ ହସି କହିଲା, ସୁମନ୍ତ ମୁଁ ନିଶ୍ଚୟ କଷ୍ଟ କରେ, କିନ୍ତୁ ମୋର ମାଟି, ମୋର ଗାଁ ମୋର ଧାନ ବିଲ , କିଆରି ସବୁଜିମା ମୋତେ ଜୀବନର ସତ୍ୟ ଶିକ୍ଷା ଦିଏ। ତୁମେ ଦରମାରେ ସୁବିଧାରେ ବଞ୍ଚ ସତ । କିନ୍ତୁ ମାଟିର ସୁଗନ୍ଧ ସୂର୍ଯ୍ୟାଲୋକ ଦୃଶ୍ୟ ଆଉ ଘରୋଇ ସନ୍ତୋଷ ଏହିସବୁ କିଣିପାରିବ ନାହିଁ। ସୁମନ୍ତ ସେ କଥା ଶୁଣି ନିରବ ହୋଇଗଲା । ସେ ବୁଝିଲା ଜୀବନର ସତ୍ୟ ସୁଖ ସୁବିଧା କିମ୍ବା ଧନରେ ନୁହେଁ ସନ୍ତୋଷ ଓ ପରିଶ୍ରମରେ ରହିଛି । ନିତିଦିନ ଚ଼ାଷୀ ମୁଣ୍ଡ ଝାଳ ତୁଣ୍ଡେ ମାରି ପରିଶ୍ରମ କରି ବଞ୍ଚ ? । ଚ଼ାକିରିଆ ସରକାରୀ ଦରମା ପାଇ ସୁବିଧାରେ ବିଳାସ ବ୍ୟସନରେ ରହେ। କିନ୍ତୁ ଦୁଇ ଜଣଙ୍କ ଜୀବନରେ ଭିନ୍ନ ଭିନ୍ନ ମୂଲ୍ୟ ରହିଛି । ଜୀବନରେ ଚ଼ାଷୀଙ୍କ ସନ୍ତୋଷ ଖୋଜିବା ସେଇଥିରେ ସତ୍ୟ ସଫଳତା ଥାଏ ।

*ଦଶମ ଶ୍ରେଣୀ ଛାତ୍ର*
*ବୃନ୍ଦାବାହାଲ ନୋଡାଲ ହାଇସ୍କୁଲ*
*ଗଣ୍ଡାମେର ,*
*ଗୋଲାମୁଣ୍ଡା,କଳାହାଣ୍ଡି*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
# ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Sunday October 05 | ଭୁବନେଶ୍ୱର ରବିବାର, ୦୫, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


## ଆର ଏସ ଏସ ର ଶତବାର୍ଷିକ ଅବସରରେ ବିଜୟା ଦଶମୀ ଉତ୍ସବ

ଗୋଲାମୁଣ୍ଡା :(ପି ଏନ):-କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆଜି ସଂଘ ଶତାବ୍ଦୀ ଉଦ୍ଦେଶ୍ୟରେ ବିଜୟା ଦଶମୀ ଉତ୍ସବ ସହିତ ଗୋଲାମୁଣ୍ଡା ନଗରରେ ପଥସଂଚଳନ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଥିଲା ।ଏହି ପଥସଂଚଳନ କାର୍ଯ୍ୟକର୍ମରେ ୪୨ ଜଣ ସ୍ୱୟଂ ସେବକ ପୂର୍ଣ୍ଣ ଗଣ ବେଶରେ ଦଣ୍ଡ ଧରି ଗୋଲାମୁଣ୍ଡା ନଗର ପରିକ୍ରମା କରିଥିଲେ ।ପରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୋଲାମୁଣ୍ଡାଠାରେ ସମସ୍ତ ସ୍ୱୟଂ ସେବକ ଓ ସମ ବିଚାର ଧାରୀ ବ୍ୟକ୍ତିମାନଙ୍କୁ ନେଇ ବିଜୟା ଦଶମୀ ଉତ୍ସବ ଓ ଶସ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦଙ୍କ ଅଧକ୍ଷତାରେ ଗୋଲାମୁଣ୍ଡା ଖଣ୍ଡ ସଂଘ ଚାଳକ ଶ୍ରୀଯୁକ୍ତ ନବରତ୍ନ ରାଉତ ଏବଂ ମୁଖ୍ୟବକ୍ତା କଳାହାଣ୍ଡି ବିଭାଗ ପ୍ରଚାରକ ଶ୍ରୀମାନ ଆର ଚକ୍ରଧର ରାଓ ମଞ୍ଚାସିନ ହୋଇଥିଲେ ।ଖଣ୍ଡ କାର୍ଯ୍ୟବାହ ବୈକୁଣ୍ଠ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ନିଜ ବକ୍ତବ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାଠାରୁ ୨୦୨୫ ମସିହା ବିଜୟା ଦଶମୀ ଯାଏଁ କିଭଳି ସଂଘର୍ଷ ପୂର୍ଣ୍ଣ ଯାତ୍ରା ଉପରେ ମତ ରଖିଥିଲେ । କିପରି ସଂଘର ପ୍ରାରମ୍ଭିକ ପ୍ରେରଣା ଥିଲା ? ହିନ୍ଦୁ ଅନୁଶାସନ ମାଧ୍ୟମରେ ଚରିତ୍ର ତାଲିମ ପ୍ରଦାନ କରି ଓ ହିନ୍ଦୁ ସମ୍ପ୍ରଦାୟକୁ ଏକାଠି କରି ଏକ ହିନ୍ଦୁ ରାଷ୍ଟ୍ରଗଠନ କରିବା । ଏହି ସଂଗଠନ ଭାରତୀୟ ସଂସ୍କୃତି ଏବଂ ନାଗରିକ ସମାଜର ମୂଲ୍ୟବୋଧକୁ ବଜାୟ ରଖିବାର ଆଦର୍ଶକୁ ପ୍ରୋତ୍ସାହିତ କରେ ଏବଂ ହିନ୍ଦୁ ସମ୍ପ୍ରଦାୟକୁ 'ଶକ୍ତ' କରିବା ପାଇଁ ହିନ୍ଦୁତ୍ୱର ନୀତିକୁ ପ୍ରସାର କରେ । କାଳକ୍ରମେ ଆରଏସଏସ ଏକ ବିରାଟ ହିନ୍ଦୁ ଜାତୀୟତାବାଦୀ ସଂଗଠନରେ ପରିଣତ ହୋଇ ନିଜର ଆଦର୍ଶଗତ ବିଶ୍ୱାସ ବିସ୍ତାର କରିବା ପାଇଁ ଅନେକ ଅନୁବନ୍ଧିତ ସଂଗଠନ, ବିଦ୍ୟାଳୟ, ଦାତବ୍ୟ ଅନୁଷ୍ଠାନ ଏବଂ କ୍ଲବ ଆଦି ପ୍ରତିଷ୍ଠା କରିଥିଲା । ବ୍ରିଟିଶ ଶାସନ ସମୟରେ ଥରେ ଓ ସ୍ୱାଧୀନତା ପରେ ପରବର୍ତ୍ତୀ ଭାରତ ସରକାର ଦ୍ୱାରା ତିନିଥର ସଂଘକୁ ରୋକ୍ ଲଗା ଯାଇଥିଲା । ପ୍ରଥମେ ଆଦର୍ଶ ଗତ ମତଭେଦକୁ ନେଇ ୧୯୪୬ ମସିହାରେ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିବା ପରେ, ଜରୁରୀକାଳୀନ ପରିସ୍ଥିତି ସମୟରେ (୧୯୭୫-୧୯୭୭); ଏବଂ ୧୯୯୨ରେ ବାବ୍ରି ମସଜିଦ ଭଙ୍ଗା ପରେ ତୃତୀୟ ଥର ପାଇଁ ଆରଏସ ଏସକୁ ତତ୍ କାଳୀନ ଭାରତ ସରକାର ରୋକ୍ ଲଗାଇଥିଲେ ବୋଲି ମତ ପ୍ରକାଶ ପାଇଛି ।ଏହି କାର୍ଯ୍ୟକ୍ରମରେ ସହ କାର୍ଯ୍ୟବାହ ହୃଦାନନ୍ଦ ସା, ବୌଦ୍ଧିକ ପ୍ରମୁଖ ପରିକ୍ଷିତ ଖର୍ସ ?ଲ, ସଦଭାବନା ପ୍ରମୁଖ ସୁରେନ୍ଦ୍ର ସାହୁ,ପ୍ରଚାର ପ୍ରମୁଖ ବ୍ରହ୍ମା ପ୍ରସାଦ କାଣ୍ଡ,ସହ ପ୍ରଚାର ପ୍ରମୁଖ ହୁତେଶ ମଶ୍ରା, ସଂପର୍କ ପ୍ରମୁଖ ଅଜିତ ନାଏକ, ଶାରୀରିକ ପ୍ରମୁଖ ଦେବେନ୍ଦ୍ର ନାଏକ,ସହ ଶାରିରୀକ ପ୍ରମୁଖ ସୌମ୍ୟରଞ୍ଜନ ନାଏକ, ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀ, ଦଶପୁର ମଣ୍ଡଳ ସଭାପତି ପ୍ରମୋଦ ପଧାନ,କେଗାଁ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ସାଧାରଣ ସଂପାଦକ ଜୟନ୍ତ ସିଂ, ପ୍ରଦୀପ କୁମାର ପଣ୍ଡା, ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ପ୍ରସନ୍ନ ରାଉତ, ଗଣେଶ ରାଉତ, ନରେଶ ପ୍ରଧାନ ,ସମିର ସାହୁ , ଉମାକାନ୍ତ ବାଗଙ୍କ ସହିତ ଶତାଧିକ ସ୍ୱୟଂ ସେବକ ଉପସ୍ଥିତ ଥିଲେ ।




OFFICE OF THE MUNICIPAL COUNCIL, TALCHER
DIST :- ANGUL

No. 2766 / Dt. 04.08.2025

BID INVITED

Bid invited from the Degree (A) Class and Diploma (B) Class, Civil Engineer Contractors according to the Govt. Work Deptt. Letter No.- 12914, dt. 23-08-2018 for the following 2 Nos. of civil works with an estimated cost of below 5 lakh each. The last date of submission of required documents to this office such as Contractor Registration Number, GSTIN, PAN, Engineer Contractor profile report, Aadhard Card & Court Affidavit is 14th August 2025.

This is for your kind information and necessary action.

| Sl. No. | Name of Civil Works | Estimated Cost (Rs.) |
|---|---|---|
| 1 | Repair & Renovation of Shop Room at Bus Stand Market Complex near Biju Pattanaik Statue in W.No.-11. | 4,99,900 /- |
| 2 | Repair & Renovation of Shop Room at Bus Stand Market Complex College Field Side in W.No.-11. | 4,99,900 /- |

Executive Officer
Talcher Municipality


## ପାରାଦୀପ ରିଫାଇନାରୀ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳିତ



ପାରାଦୀପ,(ପି.ଏନ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜନ୍ମ ବାର୍ଷିକ ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପରିସରରେ ପାଳିତ ହୋଇଯାଇଛି । କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ କୈଶିକ ବସୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗ ସତ୍ୟ, ସରଳତା ଏବଂ ଅହିଂସା ଆଜିର ସମାଜରେ ଆବଶ୍ୟକତା ରହିଛି । ଏହାକୁ ପାଥେୟ କରି ଚାଲିଲେ ଜୀବନରେ ସଫଳତା ହାସଲ କରି ହେବ ବୋଲି ଶ୍ରୀ ବସୁ ତାଙ୍କ ବକ୍ତବ୍ୟରେ କହିଥିଲେ । ଆଜିର ଦିନରେ ଗାନ୍ଧୀଙ୍କ ବାଣୀ ମଣିଷ ଜୀବନରେ ବହୁ ଭାବେ ଆବଶ୍ୟକ ରହିଛି । ଏହି ଅବସରରେ ଶ୍ରୀ ବସୁ ଉପସ୍ଥିତ ଅଧିକାରୀ, କର୍ମଚାରୀମାନଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ । ସ୍ୱଚ୍ଛତା ହିଁ ସେବା ଅଭିଯାନର ସମାପନକୁ ଚିହ୍ନିତ କରି ଏହି କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଭାରତ ଦିବସ ଭାବରେ ପାଳନ କରାଯାଇଥିଲା ।

## ପାରାଦୀପ ପୌରପାଳିକା ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ପୌରପାଳିକା ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳିତ ହୋଇଯାଇଛି । ପାରାଦୀପ ମଧୁବନସ୍ଥିତ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଗାନ୍ଧିଜୀଙ୍କ ପ୍ରତିମୂର୍ତୀରେ ଉତ୍ସବର ମୁଖ୍ୟଅତିଥି ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମାଲ୍ୟାର୍ପଣ କରିଥିଲେ । ନଗରପାଳ ବସନ୍ତ ବିଶ୍ୱାଳ ଆୟୋଜିତ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ସମଗ୍ର ଦେଶରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ । ଏହାକୁ ଦେଶବାସୀ ଆଦରର ସହିତ ଗ୍ରହଣ କରି ଭାରତକୁ ସ୍ୱଚ୍ଛ ଦେଶ ଭାବେ ପରିଚିତ କରି ପାରିଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ । ପାରାଦୀପ ସହରକୁ ସ୍ୱଚ୍ଛ ସହର ଭାବେ ପରିଚିତ କରିବାରେ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ ।

## ଦଳପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ମାସ ପାଳନ



ଗୋଲାମୁଣ୍ଡା,(ପି ଏନ): ରାଜ୍ୟ ସରକାରଙ୍କ ସମ୍ମନିତ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ନିର୍ଦ୍ଦ ?ଶରେ ସାରା ରାଜ୍ୟରେ ସେପ୍ଟେମ୍ବର ମାସ ୧୬ ତାରିଖ ରୁ ଅକ୍ଟୋବର ମାସ ୧୬ ତାରିଖ ପର୍ଯ୍ୟନ୍ତ ପୋଷଣ ମାସ ପାଳନ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସମ୍ମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଭୁକ୍ତ ମାନଝରି ମଣ୍ଡଳ ଅଧିନ ଦଳପଡା ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ମାସ ପାଳନ କରାଯାଇଥିଲା । ଅଙ୍ଗନୱାଡ଼ି କର୍ମୀ ଶ୍ରୀମତୀ ଗୋଲାପି ବାଗଙ୍କ ଆହ୍ୱାନ କ୍ରମେ କେନ୍ଦ୍ର ଅଧୀନ ରେ ଥିବା ସମସ୍ତ ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ ୬ ମାସରୁ ୫ ବର୍ଷର ଶିଶୁ ମାନଙ୍କ ଅଭିଭାବକ, ଗ୍ରାମର ଭଦ୍ରବ୍ୟକ୍ତି ,ଯାଞ୍ଚ କମିଟି ଏବଂ ମାତୃ କମିଟି ର ସମସ୍ତ ସଭ୍ୟ, ସଭ୍ୟା ଏହି ପୋଷଣ ମାସ ପାଳନ ଦିବସ ରେ ଯୋଗଦାନ କରିଥିଲେ ।ଗର୍ଭବତୀ,ପ୍ରସୂତି ର ଯତ୍ନ ଏବଂ ଜୀବନ ର ପ୍ରଥମ ୧୦୦୦(ହଜାର) ଦିନର ଯତ୍ନ କେମିତି ନିଆଯିବା ଦରକାର ସେ ବିଷୟରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ବିସ୍ତୃତ ଭାବରେ ସଚେତନ ବାର୍ତ୍ତା ଦେଇଥିଲେ । ଶିଶୁ ଯତ୍ନ ଏବଂ ସୁପୋଷଣ ଖାଦ୍ୟ ସେବନ କରିବା ନିମନ୍ତେ ଉପଦେଶ ଦେଇଥିଲେ । କେନ୍ଦ୍ରର ସହାୟିକା ସେବନୀ ମାଝି ଏବଂ କିଶୋରୀ ବାଳିକାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ହିନ୍ଦୁ ଏକତା ମଞ୍ଚ ଭାରତ କଟକ ଜିଲ୍ଲା ସଂଗଠନ ଆନୁକୂଲ୍ୟରେ ସମ୍ବର୍ଦ୍ଧନା ସଭା



ଭୁବନେଶ୍ୱର,(ପି.ଏନ): ହିନ୍ଦୁ ଏକତା ମଞ୍ଚ ଭାରତ କଟକ ଜିଲ୍ଲା ସଂଗଠନ ଆନୁକୂଲ୍ୟରେ କଟକ ଜିଲ୍ଲା ର ସଭାପତି ଡକ୍ଟର ପଦ୍ମଲୋଚନ ନାୟକ ଙ୍କ ମାର୍ଗଦର୍ଶନ ରେ କଟକ ମଣିସାହୁ ଛକ ନିକଟରେ ଏକ ସମ୍ବର୍ଦ୍ଧନା ମଞ୍ଚ ତିଆରି କରାଯାଇ ସେହି ରାସ୍ତା ଦେଇ ଭସାଣି ଉପଲକ୍ଷ ଯାଉଥିବା ମା ଦୁର୍ଗା ଓ ଶିବ ପାର୍ବତୀ ଙ୍କ ମୃଣ୍ମୟ ପ୍ରତିମା ଗୁଡିକ ନିକଟରେ ପୁଷ୍ପ ମାଲ୍ୟ ଓ ଭୋଗ ଲାଗି ହେବା ସହିତ ପ୍ରତ୍ୟେକ ପୂଜା କମିଟିର ସମ୍ପାଦକ ଓ ସଭାପତି ଙ୍କୁ ମଞ୍ଚ କୁ ନିମନ୍ତ୍ରଣ କରାଯାଇ ଉତ୍ତରୀୟ ପ୍ରଦାନ ପୂର୍ବକ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ମଞ୍ଚରେ ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ଜେନା ସମ୍ପାଦକ ସୁରେନ୍ଦ୍ର ମହାନ୍ତି ଉପ ସଭାପତି ଚନ୍ଦ୍ରକାନ୍ତ ନାୟକ ଯୁଗ୍ମ ସମ୍ପାଦକ ଡକ୍ଟର ପ୍ରଭାତ ସାହୁ କଟକ ଜିଲ୍ଲା ର ଉପ ସଭାପତି ପ୍ରଦୀପ୍ତ ଆଚାର୍ଯ୍ୟ ସଂଗଠନ ସମ୍ପାଦକ ମାନସ କୁମାର ସିଂହ ଉପ ସଭାପତି ରବି ନାରାୟଣ ଦାଶ, ମୁଖ୍ୟ ଉପଦେଷ୍ଟା ବୀରେନ୍ଦ୍ର କୁମାର ସାହୁ ପ୍ରାଣକୃଷ୍ଣ ଜେନା କୋଷାଧ୍ୟକ ସନ୍ତୋଷ କୁମାର ସାହୁ ବରିଷ୍ଠ ସଦସ୍ୟ ସୁଶୀଲ ପାଲ, ବ୍ରଜକିଶୋର ଜେନା ମନୋରଞ୍ଜନ ମହାନ୍ତି ଶଶିକାନ୍ତ ତିୱାରୀ ସୃଷ୍ଟିଧର ନାୟକ ସଂଯୋଜିକା ରୋଜାଲିନି ବସ୍ତିଆ ଶରତ ଚନ୍ଦ୍ର ସ୍ୱାଇଁ ଉପଦେଷ୍ଟା ରବୀନ୍ଦ୍ର ମହାପାତ୍ର, ଶ୍ରବଣ କୁମାର ରାଉଳ ଅଶୋକ କୁମାର ବାରିକ ଅଶୋକ କୁମାର ଆଗ୍ରୱାଲ,ନକୁଳ ଚରଣ ଲେଙ୍କା ଧୀରେନ୍ଦ୍ର ନାୟକ ନିତିନ ନାୟକ ଧନୁର୍ଜୟ ସ୍ୱାଇଁ ପ୍ରଶାନ୍ତ କୁମାର ସାହୁ ମିନତୀ ପାଲ ଚନ୍ଦ୍ରଶେଖର ପଣ୍ଡା ପ୍ରଭୃତି ମଞ୍ଚ ରେ ଉପସ୍ଥିତ ରହି ସମ୍ବର୍ଦ୍ଧନା କାର୍ଯ୍ୟ ରେ ସହଯୋଗ କରିଥିଲେ. । ସଂଗଠନ କାର୍ଯ୍ୟ ରେ ଅନୁପ୍ରାଣିତ ହୋଇ ରାଜକୁମାର ଖେମେଟା ଓ ମଙ୍ଗଳ ଚରଣ ପାଣ୍ଡେ ସଂଗଠନ ରେ ଯୋଗ ଦେଇଥିଲେ. । କଟକ ଜିଲ୍ଲା ର ସଂଗଠନ ସମ୍ପାଦକ ମାନସ କୁମାର ସିଂହ ସେମାନଙ୍କୁ ସ୍ୱାଗତ କରିଥିଲେ ।. ସଂଗଠନ ର ସମସ୍ତ ସଦସ୍ୟ ମଣିସାହୁ ଛକ ପୂଜା କମିଟିର ସମ୍ପାଦକ ସଭାପତି ଓ ସମସ୍ତ କାର୍ଯ୍ୟକର୍ତ୍ତା ଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ. ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray